# ଓଡ଼ିଶାର ଖାଦ୍ୟ, ପରମ୍ପରା ଐତିହ୍ୟ ନିଆରା


ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

- ଜିଲାସ୍ତରୀୟ ଓଡ଼ିଶା ଦିବସ
- କୃତୀ ପ୍ରତିଯୋଗୀ ସମ୍ମାନିତ

**ନବରଙ୍ଗପୁର,୧।୪(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ପ୍ରଶାସନ ଓ ଜିଲା ସୂଚନା ବିଭାଗ ପକ୍ଷରୁ ଓଡ଼ିଶା ଦିବସ ପାଳନ କରାଯାଇଛି। ସକାଳ ୭ଟାରେ ସହରର ଶହୀଦ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଛି। ଜିଲାପାଳ ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଶାସ୍ତ୍ରୀ ଭବନରେ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଥିଲା। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ଏସ୍‌ପି ମିହିର କୁମାର ପଣ୍ଡା, ବିଶ୍ୱଜିତ ବର୍ମନ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ବିଜୟ କୁମାର ମିଶ୍ର ଯୋଗ ଦେଇଥିଲେ। ଦେଶ ଓ ମାଟି ପାଇଁ ମହାପୁରୁଷ, ଶହୀଦଙ୍କ ବଳିଦାନକୁ ଅତିଥିମାନେ ମନେ ପକାଇଥିଲେ। ଏଥିସହ ସ୍ୱତନ୍ତ୍ର ଓଡିଶା ଗଠନ ପାଇଁ ଯେଉଁମାନେ ଉଦ୍ୟମ କରିଥିଲେ ସେମାନଙ୍କ ସ୍ମୃତି ଚାରଣ କରିଥିଲେ। ଆମ ଓଡ଼ିଆ ଭାଷର ଗୌରବ ଓ ମହତ୍ତ୍ୱ ରହିଛି । ଭାଷାକୁ ନେଇ ଆମ ରାଜ୍ୟ ସାରା ବିଶ୍ୱରେ ପରିଚିତ। ଓଡ଼ିଶାର ଖାଦ୍ୟପେୟ, ସଂସ୍କୃତି, ପରମ୍ପରା, ପ୍ରାକୃତିକ ପରିବେଶ, ଐତିହ୍ୟ ଆଦି ନିଆରା ବୋଲି ସେମାନେ କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ମଞ୍ଚ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଓ ଉଚ୍ଚବିଦ୍ୟାଳୟ ସ୍ତରରେ ହୋଇଥିବା ବକ୍ତୃତା, ପ୍ରବନ୍ଧ, ସଙ୍ଗୀତ, ଝୋଟି ଓ ପିଠା ପ୍ରତିଯୋଗିତର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଝରନଗୁଡ଼ାବାସୀଙ୍କୁ ମିଳିଲା ବିଦ୍ୟୁତ୍ ସେବା


ବିଧାୟକ ଉଦ୍‌ଘାଟନ କରୁଛନ୍ତି।

**ତେନ୍ତୁଳିଖୁଣ୍ଟି , ୧।୪(ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଁଳାଭଙ୍ଗା ପଞ୍ଚାୟତ ଝରନଗୁଡ଼ାବାସୀଙ୍କୁ ମଙ୍ଗଳବାର ବିଦ୍ୟୁତ୍ ସେବା ମିଳିଛି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଏହାକୁ ଉଦ୍‌ଘାଟନ କରିଥିଲେ।

ସ୍ୱାଧୀନତାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଗ୍ରାମବାସୀ ଏବେ ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ପାଇ ନ ଥିଲେ। ଏଠାରେ ଆଲୋକ ବ୍ୟବସ୍ଥା ନନ ଥିବାରୁ ଲୋକେ ପାରମ୍ପରିକ ଦୀପ ଆଲୁଅରେ ଜୀବନ କାଟୁଥିଲେ। ଅନେକ ଦିନରୁ ଲୋକ ପ୍ରତିନିଧିମାନେ ଏ ସମ୍ପର୍କରେ ଅଭିଯୋଗ କରି ଆସୁଥିଲେ। କିଛି ଦିନ ତଳେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝିଙ୍କୁ ମଧ୍ୟ ଦାବି ଜଣାଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପାଇ ବିଧାୟକ ବିପଦସଙ୍କୁଳ କାଠ ପୋଲ ଡେଇଁ ମୋଟର ସାଇକେଲରେ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ବିଜୁଳି ଯୋଗାଇ ଦେବାର ପ୍ରତିଶୃତି ଦେଇ ଫେରି ଥିଲେ। ତେବେ ସେ ନିଜ ପ୍ରତିଶ୍ରୁତି ରକ୍ଷା କରି ଏଠାକୁ ବିଦ୍ୟୁତ୍ ସଂଯୋଗ କରାଇଥିବା କହି ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି। ବିଧାୟକ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନବେଳେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଖଟେଇ, କନିଷ୍ଠ ଯନ୍ତ୍ରୀ ଭରତ ତନ୍ତି, ଏସ୍‌ଡିଓ, ଜେ.ଏସ୍.ଏନ ଆଚାରୀ, ସଚିନ ମହାରଣାଙ୍କ ସମେତ ଭାଜପାର ସମସ୍ତ କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ନବମ, ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନଭୋଜନ

**ପିଏମ ପୋଷଣ ଖାଦ୍ୟ ଯୋଜନା ଆରମ୍ଭ**

- ଛାତ୍ରୀଛାତ୍ରଙ୍କୁ ସପ୍ତାହକୁ ୩ ଦିନ ମିଳିବ ମାଣ୍ଡିଆ ଲଡ୍ଡୁ

**ନବରଙ୍ଗପୁର/ କୋଷାଗୁମୁଡ଼ା,୧।୪ (ସଦାଶିବ ପ୍ରହରାଜ/ ପ୍ରସାଦ ବିଷୋୟୀ)**

ପୂର୍ବରୁ ୧ମ ରୁ ୮ମ ଶ୍ରେଣୀ ଛତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ପାଉଥିଲେ। ମଙ୍ଗଳବାର ଓଡ଼ିଶା ଦିବସରୁ ୯ମ ଓ ୧୦ମ ଶ୍ରେଣୀ ଛତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଉଛି। ନବରଙ୍ଗପୁର ମ୍ୟୁନିସିପାଲଟି ହାଇସ୍କୁଲରେ ବିଧାୟକ ଗୌରୀ ଶଙ୍କର ମାଝୀ ଏହି କାର୍ଯ୍ୟକ୍ରମ ଉଦ୍‌ଘାଯନ କରିଥିଲେ। ସେ ଛତ୍ରୀଛାତ୍ରଙ୍କୁ ମାଣ୍ଡିଆ ଲଡୁ ସମେତ ମଧ୍ୟାହ୍ନ ଭୋଜନ ବାଢ଼ିଥିଲେ। ଏଣିକି ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ପାଇବେ। ପ୍ରତି ସୋମବାର, ବୁଧବାର ଓ ଶୁକ୍ରବାର ଅଣ୍ଡା ତରକାରୀ ସହ ଭାତ, ମଙ୍ଗଳବାର ଓ ଶନିବାର ସୋୟାବିନ, ପରିବା ତରକାରୀ ଓ ମାଣ୍ଡିଆ ଲଡୁ ସେହିଭଳି ଗୁରୁବାର ଭାତ ଡାଲମା ଓ ମାଣ୍ଡିଆ ଲଡୁ ଛାତ୍ରୀଛାତ୍ର ପାଇବେ। ବର୍ତ୍ତମାନ ସରକାର ୯ମ ଓ ୧୦ମ ଶ୍ରେଣୀ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିଥିବାରୁ ଛାତ୍ରୀଛାତ୍ର, ଅଭିଭାବକ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏଡିଇଓ ରେଶମ ଲାଲ ନାୟକ, ବିଇଓ ରମେଶ ରାୟ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକରେ ମଙ୍ଗଳବାର ପିଏମ୍ ପୋଷଣ ଖାଦ୍ୟ ଯୋଜନା ଆରମ୍ଭ ହୋଇଛି। ବ୍ଲକ ର ସମସ୍ତ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଛି। ଏଥିସହିତ ସପ୍ତାହରେ ତିନି ଦିନ ମଙ୍ଗଳବାର, ଗୁରବାର୍ ଓ ଶନିବାର ପୋଷଣ ଯୁକ୍ତ ମାଣ୍ଡିଆ ଲଡୁ ପ୍ରଦାନ କରାଯିବ। ଯୋଜନା ର ପ୍ରଥମ ଦିନରେ ବିଇଓ ସୁପ୍ରିୟା ନାୟକ ସରକାରୀ ଉଚ୍ଚ ବିଦ୍ୟାଳୟ ଓ କେଜିବିଭି ପଣ୍ଡୁଗୁଡ଼ା ଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସହଦେବ ଉଚ୍ଚ ବିଦ୍ୟାଳୟ ପଣ୍ଡୁଗୁଡ଼ାରେ ଛାତ୍ରୀଛାତ୍ରଙ୍କ ସହ ମିଶି ମଧ୍ୟାହ୍ନ ଭୋଜନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସିଆର୍‌ସିସି ବିଧାନ ରାଉତ, ପଣ୍ଡୁଗୁଡା ସିଆର୍‌ସିସି ଦୁଷ୍ମନ୍ତ ସାହୁ, ସଞ୍ଜୟ ବେହେରାଙ୍କ ସହ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।


କୋଷାଗୁମୁଡ଼ାର ଏକ ବିଦ୍ୟାଳୟରେ ଛାତ୍ରୀମାନେ ମଧ୍ୟାହ୍ନ ଭୋଜନ କରୁଛନ୍ତି।

## ବନ୍ଦେ ଉତ୍କଳ ଜନନୀରେ କମ୍ପିଲା ସ୍କୁଲ

**ଡାବୁଗାଁ, ୧।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଅଧୀନ ବିଭିନ୍ନ ବିଦ୍ୟାଳୟରେ ମଙ୍ଗଳବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୋଇଲାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏହାପରେ ସାମୂହିକ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବେହେରା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସୂତ୍ରଧାର ମହାପୁରୁଷଙ୍କ ଜୀବନୀ ଓ ସେମାନଙ୍କ ଭୂମିକା ଉପରେ ତଥ୍ୟ ଦେଇଥିଲେ। ଏହି ସଭାରେ ଶିକ୍ଷୟିତ୍ରୀ ପୁଷ୍ପଲତା ସାମଲ, ଶର୍ମିଳା ଜେନା, ସବିତା ଦାଶ, ପରିଚିତା ନାୟକ, ଶିକ୍ଷକ ବଲ୍ଲଭ ନାରାୟଣ ପଣ୍ଡା, ଭକ୍ତଚନ୍ଦ୍ର ମାଝି, ଗୋବିନ୍ଦ ଭତ୍ରା, ରାମାକାନ୍ତ ସାହୁ, ପୁରୋହିତ ବାଗ ଓ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ଡାବୁଗାଁ କୋଇଲାରି ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ।

## ଓଡ଼ିଆ ଭାଷା, ସଂସ୍କୃତି, ସଂସ୍କାର ବିଶ୍ୱରେ ଅନନ୍ୟ


ବୈଠକରେ ମଞ୍ଚାସୀନ ଅତିଥିମାନେ।

**ନବରଙ୍ଗପୁର,୧।୪(ସଦାଶିବ ପ୍ରହରାଜ)**

ଉତ୍କଳ ପରିଷଦ ପକ୍ଷରୁ ଓଡ଼ିଶା ଦିବସ ପାଳନ କରାଯାଇଛି। ଏହି ଅବସରରେ ସକାଳ ୮ଟାରେ ସହରରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବାହ୍ନରେ ନବରଙ୍ଗପୁର ତୃପ୍ତି ଲଜ୍ ସମ୍ମିଳନୀ କକ୍ଷରେ ଏକ ସଭା କରାଯାଇଥିଲା। ଉତ୍କଳ ପରିଷଦ ସଭାପତି ବିଜୟ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନାରାୟଣ ପାତ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ ଉତ୍କଳ ବୀର ପୁରୁଷଙ୍କ ବିଜୟ ଗାଥା ବଖାଣିଥିଲେ। ଅନ୍ୟତମ ବକ୍ତାଭାବେ ପ୍ରାକ୍ତନ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରଭାସିନୀ ମହାନ୍ତି ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ସଂସ୍କାର ଓଡ଼ିଶାକୁ ବିଶ୍ୱସ୍ତରରେ ସମୃଦ୍ଧ କରିଛି ବୋଲି କହିଥିଲେ। ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ମୁଖ୍ୟ ଅତିଥି, ପ୍ରାକ୍ତନ ବିଇଓ ରମେଶ ଟାକ୍ରି ସମ୍ମାନିତ ଅତିଥି, ଶିକ୍ଷକ ପି. ରବିକାନ୍ତ ରଘୁରାମ ଅନ୍ୟତମ ଅତିଥି, ସମ୍ମାନିତ ବକ୍ତାଭାବେ କବି ଜଗଦୀଶ ଚନ୍ଦ୍ର ତ୍ରିପାଠୀ ଉପସ୍ଥିତ ଥିଲେ। ଓଡ଼ିଶାର ପୂର୍ବ ଗର୍ବ, ଗୌରବ ଫେରାଇ ଆଣିବା ପାଇଁ ଉତ୍କଳ ପରିଷଦ ପ୍ରଚେଷ୍ଟା କରିବ ବୋଲି ପରିଷଦର ସଭାପତି ଚୌଧୁରୀ ମତବ୍ୟକ୍ତ କରିଥିଲେ। ଟେଲି ଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ନାଟ୍ୟକାର ଜଗନ୍ନାଥ ବେହେରାଙ୍କ ସଂଯୋଜନାରେ କବିତା ପାଠୋତ୍ସବ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କବି ତଥା ଅଧିବକ୍ତା ରାମପ୍ରସାଦ ପାତ୍ର, ବିଶିଷ୍ଟ ବକ୍ତା ଡ. ବିଜୟ ମିଶ୍ର , ଉତ୍କଳ ପରିଷଦ ସମ୍ପାଦକ ତପନ ବିଷୋୟୀ, ଉଦ୍ୟୋଗପତି ତଥା ଉତ୍କଳ ପରିଷଦ ଉପଦେଷ୍ଟା ଦେବେନ୍ଦ୍ର ପ୍ରଧାନ, ସମ୍ପାଦକ ତପନ ବିଷୋୟୀଙ୍କ ସମେତ ଶତାଧିକ ଓଡ଼ିଆପ୍ରେମୀ ଉପସ୍ଥିତ ଥିଲେ। ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବରପୁତ୍ରଙ୍କ ପ୍ରତିମୂର୍ତ୍ତିକୁ ସଫା କରି ମାଲ୍ୟାର୍ପଣ କଲେ ମନ୍ତ୍ରୀ

**ଉମରକୋଟ, ୧।୪(ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ଉମରକୋଟ ପୌର ପ୍ରଶାସନ ସମ୍ମାନ ଦେବାରେ ଅବହେଳା କରୁଥିବାଲନେଇ ଅଭିଯୋଗ ହୋଇଛି। ମଙ୍ଗଳବାର ଓଡ଼ିଶା ଦିବସ ଥିବାବେଳେ ମରକୋଟ ଝରୀଗାଁ ରୋଡ୍ ଛକରେ ଥିବା ସ୍ୱାଧୀନତା ସଂଗ୍ରାମୀ ରବିସିଂ ମାଝୀଙ୍କ ପ୍ରତିମୂର୍ତ୍ତିକୁ ପରିଷ୍କାର କରାଯାଇ ନ ଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପାଇଁ ଯାଇଥିବା ବେଳେ ଏହା ଦେଖି ବିରକ୍ତି ପ୍ରକାଶ କରିଥିଲେ। ଏଥିସହ ମନ୍ତ୍ରୀ ନିଜେ ପ୍ରତିମୂର୍ତ୍ତିକୁ ପ୍ରଥମେ କପଡ଼ାରେ ପୋଛିବା ସହ ପାଣି ଆଣି ସଫା କରିଥିଲେ। ପରେ ପୁଷ୍ପ ମାଲ୍ୟର୍ପଣ କରିଥିଲେ। ପୌରପାଳିକା ପ୍ରତିମୂର୍ତ୍ତି ସଫା କରିବା କଥା। କିନ୍ତୁ କରିନାହାନ୍ତି। ଆଗାମୀ ଦିନରେ ସହରରେ ଥିବା ସମସ୍ତ ବରୁପୁତ୍ରଙ୍କ ପ୍ରତିମୂର୍ତ୍ତିକୁ କିପରି ସଫା କରାଯିବ ସେ ଥି ପ୍ର ତି ପୌରପାଳିକା ଧ୍ୟାନ ଦେବା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି। ଘଟଣାକୁ ନେଇ ପୌର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅ ନୁ ଗୁ ଳି ଆ ଙ୍କୁ ୭୮୪୭୯୬୧୦୮୫ ବାରମ୍ବାର ନମ୍ବରରେ କରାଯାଇଥିଲେ ମଧ୍ୟ ସେ ଯୋଗାଯୋଗ ଫୋନ୍‌ର ଉତ୍ତର ଦେଇ ନ ଥିଲେ।



ମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମୀ ରବି ସିଂ ମାଝୀଙ୍କ ପ୍ରତିମୂର୍ତ୍ତିକୁ କପଡ଼ାରେ ସଫା କରୁଛନ୍ତି।

## ଜଙ୍ଗଲରେ ମାଟିଖୋଳୁଥିବା ଜେସିବି ଜବତ

**ପାପଡାହାଣ୍ଡି, ୧।୪ (ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ଡାବୁଗାଁ ରେଞ୍ଜ ମୈଦଲପୁର ବନବିଭାଗ ଅଧୀନରେ ଥିବା ଚଚରାଗୁଡା ଜଙ୍ଗଲରେ ଜେସିବି ସାହାର୍ଯ୍ୟରେ ଜମି ଖୋଳାଯାଉଥିବାବେଳେ ତାହାକୁ ବନବିଭାଗ ଜବତ କରିଛି। ଘଟଣାସ୍ଥଳରୁ ଡ୍ରାଇଭରଙ୍କୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଛି। ଗିରଫ ଡ୍ରାଇଭର ହେଲେ ଡାବୁଗାଁ ଥାନା କୁରୁଲୁମାଳିଗୁଡ଼ା ଗ୍ରାମର ପର୍ଶୁରାମ ଗୌଡ଼। ସୂଚନାନୁଯାୟୀ ସୋମବାର ରାତିରେ ଚଚରାଗୁଡ଼ା ଜଙ୍ଗଲ ନିକଟରେ ଜଣେ ବ୍ୟକ୍ତି ଜେସିବି ସାହାଯ୍ୟରେ ଜମି ଖୋଳୁଥିଲେ। ବିଶେଷ ସୂତ୍ରରୁ ମୈଦଲପୁର ବନବିଭାଗ ଖବରପାଇ ବନାଞ୍ଚଳ ଅଧିକାରୀ ମଧୁସୂଦନ ପାତ୍ରଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ବନବିଭାଗ ଜେସିବିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଥିଲା। ଯେଉଁ ବ୍ୟକ୍ତି ଜମି ଖୋଳାଉଥିଲେ ବନବିଭାଗ କର୍ମଚାରୀଙ୍କୁ ଦେଖି ସେ ସେଠାରୁ ଫେରାର ହୋଇଯାଇଥିଲେ। ଡାବୁଗାଁ ରେଞ୍ଜ କେସ ନଂ ୧/୨୫ ରେ ଏକ ମାମଲା ରୁଜୁ କରି ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରିଛନ୍ତି।

## ଓଡ଼ିଆ ଭାଷା ସୁରକ୍ଷା ଦାବିରେ ଗଣଶିକ୍ଷା ମନ୍ତ୍ରୀଙ୍କୁ ପ୍ରସ୍ତାବପତ୍ର

**ଉମରକୋଟ, ୧।୪(ସନ୍ତୋଷ ଶତପଥୀ)**

ସରକାରୀ ଓ ବେସରକାରୀସ୍ତରରେ ଓଡ଼ିଆ ଭାଷା ବ୍ୟବହାର ଦିନକୁ ଦିନ କମିବା, ଓଡ଼ିଶା ଭାଷା ଆଇନ - ୧୯୫୪ର କାର୍ଯ୍ୟକାରିତାରେ ସରକାର ଓ ପ୍ରଶାସନର ଆନ୍ତରିକତା ଅଭାବରୁ ଓଡ଼ିଆ ଭାଷା ଏବେ ସଙ୍କଟରେ। ଏହାର ନିରାକରଣ ପାଇଁ ମୁଖ୍ୟମନ୍ତ୍ରୀ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉତ୍କଳ ପୂଜ୍ୟପୂଜା ପରିଷଦ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ୩୬ ଦଫା ସମ୍ବଳିତ ଏକ ପ୍ରସ୍ତାବ ପତ୍ର ଦିଆଯାଇଛି। ସାମାଜିକ କର୍ମୀ ସମୀର କୁମାର ପ୍ରଧାନ ଏହି ପ୍ରସ୍ତାବପତ୍ର ଦେଇଛନ୍ତି।

ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଭାଷା ଆଇନ ବିଧାନସଭାରେ ଆସିବା ଆବଶ୍ୟକ। ପୁନଶ୍ଚ ଓଡ଼ିଆ ଭାଷାକୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟରେ ବାଧ୍ୟତାମୂଳକ ବ୍ୟବହାର, ଓଡ଼ିଆ ଭାଷା ପ୍ରତିଷ୍ଠାନକୁ ସ୍ୱୟଂ ଶାସିତ କରିବା, ବିଦ୍ୟାଳୟରେ ଭାଷା ଶିକ୍ଷକ ନିଯୁକ୍ତି ସହିତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଖାଲି ପଡିଥିବା ଓଡ଼ିଆ ଅଧ୍ୟାପକ ପଦବୀ ପୂରଣ, ଓଡ଼ିଶା ସାହିତ୍ୟ ଏକାଡ଼େମୀର କାର୍ଯ୍ୟଧାରାରେ ଆମୂଳଚୁଳ ପରିବର୍ତ୍ତନ, ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ସୁରକ୍ଷା, କାଳଜୟୀ ଓଡ଼ିଆ ପୁସ୍ତକର ସଂରକ୍ଷଣ ସହିତ ବିଭିନ୍ନ ଭାରତୀୟ ଓ ଆନ୍ତର୍ଜାତୀୟ ଭାଷାରେ ଅନୁବାଦ, ଓଡ଼ିଆ ଭାଷା ସମ୍ପର୍କରେ ବ୍ୟାପକ ଗବେଷଣା ଓ ଦଲିଲିକରଣ ସମେତ ଓଡ଼ିଶା ସରକାରଙ୍କ ସମସ୍ତ ୱେବସାଇଟର ଢାଞ୍ଚାଗତ ପରିବର୍ତ୍ତନ ସହିତ ଏହାକୁ ସୂଚନା ଓ ତଥ୍ୟ ଆଧାରିତ କରିବାକୁ ଦାବି ହୋଇଛି। ସାଧାରଣ ଲୋକେ ପଢି,ବୁଝି କହି ପାରୁଥିବା ମାତୃଭାଷା ଓଡ଼ିଆରେ ସମସ୍ତ ସରକାରୀ ଚିଠିର ଆଦାନ ପ୍ରଦାନ, ନିର୍ଦ୍ଦେଶନାମା, ସୂଚନା, ତଥ୍ୟ ପ୍ରଦାନ ଓ ବିଜ୍ଞାପନ ଆଦି କାର୍ଯ୍ୟ କଲେ ଶାସନ ବ୍ୟବସ୍ଥାରେ ଆହୁରି ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଢ଼ିବ ଏବଂ ଓଡ଼ିଆ ଭାଷା ଦୀର୍ଘସ୍ଥାୟୀ ହେବ ବୋଲି ସେ କହିଛନ୍ତି।


ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରସ୍ତାବପତ୍ର ଗ୍ରହଣ କରୁଛନ୍ତି।

## ‘ପୋଲିସ ସକ୍ରିୟତା ଯୋଗୁ ଶାନ୍ତି ବଜାୟ ରହୁଛି’

**୯୦ତମ ପୋଲିସ ପ୍ରତିଷ୍ଠା ଦିବସ**

**ନବରଙ୍ଗପୁର,୧।୪(ସଦାଶିବ ପ୍ରହରାଜ)**

୯୦ତମ ପୋଲିସ ପ୍ରତିଷ୍ଠା ଦିବସ ନବରଙ୍ଗପୁରସ୍ଥିତ ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଏସ୍‌ପି ମିହିର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ୍ ଅଭିବାଦନ ଗ୍ରହଣ କରିବା ସହ ପୋଲିସ ବାହିନୀଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ଏହି ଅବସରରେ ଉତ୍ତମ ପୋଲିସ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଉମରକୋଟ ଏସ୍‌ଆଇ ଶିବାଜୀ ପ୍ରସାଦ ପଣ୍ଡା, ଏଏସ୍‌ଆଇ ଗୌରଚନ୍ଦ୍ର ମିଶ୍ର, ଆର୍ମରି ହାବିଲଦାର ବାଳକୃଷ୍ଣ ମହାରଣା, ଏପିଆର୍ କନ୍‌ଷ୍ଟେବଲ ଲକ୍ଷ୍ମଣ ମାଝୀ, ଓଆର୍ କନ୍‌ଷ୍ଟେବଲ ପ୍ରଭାତ କୁମାର ମହାରଣାଙ୍କୁ ସମ୍ମାନିତ କରାଯାଇଛି। ସେହିଭଳି ଅବସରପ୍ରାପ୍ତ ଏଏସ୍‌ଆଇ ପ୍ରଶାନ୍ତ କୁମାର ସ୍ୱାଇଁ ଓ କ୍ରାଇମ ହାବିଲଦାର ନିଳାମ୍ବର ମାଝୀଙ୍କୁ ଏସ୍‌ପି ସମ୍ମାନିତ କରିଥିଲେ। ପୋଲିସର ସକ୍ରିୟତା ଯୋଗୁ ଶାନ୍ତି ବଜାୟ ରହୁଥିବା ଏବଂ ସମାଜରେ ପୋଲିସର ପୃଷ୍ଠଭୂମି ସମ୍ପର୍କରେ ଏସ୍‌ପି ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଶୁଭଙ୍କର ମହାପାତ୍ରଙ୍କ ସମେତ ପୋଲିସ ବିଭାଗର ଅନେକ ଅଧିକାରୀ ଯୋଗଦେଇଥିଲେ। ଅତିରିକ୍ତ ଏସ୍‌ପି ଆଦିତ୍ୟ ସେନ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା, ଥାନାଧିକାରୀ ସସ୍ମିତ କୁମାର ବେହେରାଙ୍କ ସମେତ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।


ନବରଙ୍ଗପୁର ଏସ୍‌ପିଙ୍କ ସହ ସମ୍ମାନିତ ହୋଇଥିବା ପୋଲିସ କର୍ମଚାରୀ।

**ଇନ୍ଦିରାନଗରରେ ଓଡ଼ିଶା ଦିବସ ପାଳିତ**

ରାୟଗଡ଼ା,(ଆଶିଷ ରଞ୍ଜନ ପଣ୍ଡା)- ରାୟଗଡ଼ା ସହର ଇନ୍ଦିରାନଗରରେ ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ଓଡ଼ିଶା ଦିବସ ପାଳିତ ହୋଇଯାଇଛି। କଂଗ୍ରେସ ନେତା ତଥା ଆଇନଜୀବୀ ଟାଇ ମିଶ୍ର ଓ ରିମ୍ ଚାରିଟେବଲ ଟ୍ରଷ୍ଟ ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତ ବର୍ଷ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଦେଖାଦେଇଥିବାରୁ ଏହି ଅବସରରେ ଖରାରୁ କିଭଳି ସୁରକ୍ଷିତ ରହିବେ ସେ ନେଇ ଲୋକଙ୍କୁ ସଚେତନତା କରାଯିବା ସହ ପଣା ବଣ୍ଟନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରିମ୍ ଚାରିଟେବଲ ଟ୍ରଷ୍ଟର ଗାବରିଏଲ ଏସ, ରାଫେଲ ସୁଥି, କାଉନସିଲର ଶ୍ରମିତା ପାଢ଼ୀ, ପୂର୍ବତନ କାଉନସିଲର ଅରୁଣ ପାଣିଗ୍ରାହୀ ଓ ରାୟଗଡ଼ା ଭିନ୍ନକ୍ଷମ ମହାସଂଘ ସମ୍ପାଦକ ଅମରେନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ୱାରେଣ୍ଟିଙ୍କ ଗିରଫକୁ ନେଇ ଉତ୍ତେଜନା, ଥାନା ଘେରାଉ

**ଭାଜପା ଜିଲା ସଭାପତି ପହଞ୍ଚି ସମାଧାନ କଲେ**

ରାୟଗଡ଼ା,୧୪(ଆଶିଷ ରଞ୍ଜନ ପଣ୍ଡା)

ଜାମିନବିହୀନ ଗିରଫ ପରୱାନାରେ ଜଣେ ୱାରେଣ୍ଟିଙ୍କୁ ପୋଲିସ ଗିରଫ ପ୍ରତିବାଦରେ ରାୟଗଡ଼ା ସହରରେ ମଙ୍ଗଳବାର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ରାୟଗଡ଼ା ଟାଉନ ଥାନା ଘେରାଉ କରିବା ସହିତ ଥାନାର ଦୁଇ ପାର୍ଶ୍ୱରେ ଥିବା ମୁଖ୍ୟ ରାସ୍ତାରେ ଟ୍ରକ୍ ରଖି ରାସ୍ତା ଅବରୋଧ କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ବକ ହେବାରୁ ଅତିରିକ୍ତ ଏସ୍‌ପି ଅମୂଲ୍ୟ ଧର ଏବଂ ଭାଜପା ଜିଲା ସଭାପତି ଗୋପୀ ଆନନ୍ଦ ଥାନା ନିକଟରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିବା ପରେ ଘଟଣା ସ୍ୱାଭାବିକ ହେବା ସହ ରାସ୍ତା ଅବରୋଧ ହଟିଥିଲା। ଗିରଫ ୱାରେଣ୍ଟି ଜଣକ ହେଲେ ୟୁ.ଗୌରୀଶଙ୍କର। ୨୦୧୫ ମସିହାରେ ରାୟଗଡ଼ା ଥାନା କେସ୍ ନଂ ୧୫ରେ ଗୌରୀଙ୍କୁ ପୋଲିସ ଗିରଫ କରିଥିବା ନେଇ ଆଇଆଇସି କେକେବିକେ କହଁର ସୂଚନା ଦେଇଛନ୍ତି।



ଭାଜପା ଜିଲା ସଭାପତି ଗୋପୀ ଆନନ୍ଦ ପୋଲିସ ଏବଂ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ଭୋର ସମୟରେ ପୋଲିସ ରାଣୀଗୁଡ଼ାସ୍ଥିତ ବାସଭବନରୁ ଗୌରୀଙ୍କୁ ଗିରଫ କୋର୍ଟ ଚାଲାଣ କରିଥିଲା। ତେବେ ଗୌରୀ ଭାଜପା ନେତା ଯାଲା ଭେଙ୍କଟେଶ୍ୱର ରାଓଙ୍କ କାର୍ ଚାଳକ ହୋଇଥିବାରୁ ଶତାଧିକ ଟ୍ରକ୍ ମାଲିକ, ଡ୍ରାଇଭର ପହଞ୍ଚି ରାୟଗଡ଼ା ଟାଉନ ଥାନାକୁ ଘେରାଉ କରିଥିଲେ। ଏସ୍‌ଡିପିଓ ଗୌରହରି ସାହୁ ଥାନା ନିକଟରେ ବହୁ ବୁଝାଶୁଝା କରିଥିଲେ ମଧ୍ୟ କେହି ରାସ୍ତାରୁ ହଟି ନ ଥିଲେ। ଏହାପରେ ଭାଜପା ଜିଲା ସଭାପତି ଗୋପୀ ଆନନ୍ଦ ସେଠାରେ ପହଞ୍ଚି ପୋଲିସ ଓ ଭେଙ୍କଟେଶ୍ୱର ରାଓଙ୍କ ସହ ଆଲୋଚନା କରିବା ପରେ ଘଟଣା ଶାନ୍ତ ପଡ଼ିଥିଲା। ଏହି ସମୟରେ ସେଠାରେ ଅନ୍ୟମାନଙ୍କ ମଧ୍ୟରେ ଶିବାଜୀ ଦାସ, ଆଇନଜୀବୀ ସୁରେନ୍ଦ୍ର ଶର୍ମା, ବିରଜା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ଜମିରୁ ମାଟି ନେବାବେଳେ ୪ ଜେସିବି, ୩ ଟ୍ରାକ୍ଟର ଜବତ

ବିଷମକଟକ,୧୪
(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ଡୁକୁମ ରୋଡ୍‌ରେ ଜଣେ ଜମି ବ୍ୟବସାୟୀ ହରିବନ୍ଧୁ ଚୈଧୁରୀ ବେଆଇନ ଭାବେ ସରକାରୀ ଜମିରୁ ମାଟି ଖନନ କରିନେଉଥିବାବେଳେ ପୋଲିସ ଓ ତହସିଲଦାରଙ୍କ ଉପସ୍ଥିତିରେ ଚଢ଼ାଉ କରାଯାଇଥିଲା। ମାଟି ଖନନରେ ବ୍ୟବହୃତ ୪ ଜେସିବି ମେଶିନ ଏବଂ ମାଟି ବୁହା ପାଇଁ ବ୍ୟବହୃତ ୩ଟି ଟ୍ରାକ୍ଟରକୁ ଜବତ କରାଯାଇଛି। ତେବେ ଏଥିରେ ବ୍ୟବହୃତ ଅନ୍ୟ ୩ଟି ଟ୍ରାକ୍ଟର ଫେରାର ହୋଇଯାଇଛି। ସରକାରୀ ନିୟମ ଅନୁଯାୟୀ, ସରକାରୀ ଜାଗାରୁ ଅନ୍ୟ ସ୍ଥାନକୁ ମାଟି ନେବାକୁ ହେଲେ ସରକାରୀ ନିର୍ଦ୍ଦେଶନାମା ରହିବା କଥା ହେଲେ, ଏହି ବ୍ୟକ୍ତି ଜଣକ କୌଣସି ସରକାରୀ ନିୟମ ନ ମାନି ନିଜ ଇଚ୍ଛାରେ ସରକାରୀ ସ୍ଥାନରୁ ପ୍ଲଟିଂ ପାଇଁ ମାଟି ନେଉଥିରୁ ଚଢ଼ାଉ କରାଯାଇଥିଲା। ଏ ସମ୍ପର୍କରେ ରାୟଗଡ଼ା ଖଣି ବିଭାଗକୁ ଜଣାଇ ଦିଆଯାଇଥିବା ବିଷମକଟକ ତହସିଲଦାର କେ. ଭେଙ୍କଟେଶ୍ୱର ରେଡ୍ଡି ସୂଚନା ଦେଇଛନ୍ତି।



ଜବତ ଜେସିବି ମେଶିନ।

## ୮ଭରି ସୁନା ଅଳଙ୍କାର, ୧୮ ଭରି ରୁପା ଚୋରି

**ଘରେ କେହି ନ ଥିବାବେଳେ କଳାକନା ବୁଲାଇଲେ ଦୁର୍ବୃତ୍ତ**

ରାୟଗଡ଼ା,୧୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରର କସ୍ତୁରୀ ନଗରସ୍ଥିତ ଏକ ଘରେ କେହି ନ ଥିବା ସୁଯୋଗ ନେଇ କଳାକନା ବୁଲାଇଲେ ଦୁର୍ବୃତ୍ତ। କସ୍ତୁରୀ ନଗର ପ୍ରଥମ ଲେନ୍‌ରେ ରହୁଥିବା ରାଜସ୍ୱ ନିରୀକ୍ଷକ କେଶବ ଚନ୍ଦ୍ର ସାହୁଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଘରୁ ୮ ଭରି ସୁନା ଅଳଙ୍କାର, ୧୮ ଭରି ରୁପା ଏବଂ ୮୦୦ଟଙ୍କା ନଗଦ ଚୋରି ହୋଇଥିବା ସାହୁ ଥାନାରେ ଏତଲା ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, କେଶବ ତାଙ୍କ ପରିବାର ସହ ମାର୍ଚ୍ଚ ୨୭ରେ ପୁରୀ ଯାଇଥିଲେ। ସୋମବାର ରାତି ୧ଟା ସମୟରେ ରାୟଗଡ଼ାସ୍ଥିତ ଘରେ ପହଞ୍ଚି ଦେଖିବା ବେଳକୁ ଘରର ତାଲା ଭଙ୍ଗା ହୋଇ କବାଟ ଖୋଲା ରହିଛି। ଏ ନେଇ ସେ ଟାଉନ ଥାନା ପୋଲିସକୁ ସୂଚନା ଦେଇଥିଲେ। ଏନେଇ ଟାଉନ ଥାନା ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଚାଲିଥିବା ଆଇଆଇସି କେକେବିକେ କହଁର ସୂଚନା ଦେଇଛନ୍ତି।

## ଓଡ଼ିଶା ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ

ଗୁଣପୁର, ୧୪(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁରର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଉପଖଣ୍ଡ ପ୍ରଶାସନ ପକ୍ଷରୁ ସକାଳେ ଶୋଭାଯାତ୍ରା ହୋଇଥିଲା। ସନ୍ଧ୍ୟାରେ ଟାଉନ ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଝୋଟି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ଉପଜିଲାପାଳ କିରଣଦୀପ କୌର ସହୋତା, ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଓକିଲ ସଂଘ ପକ୍ଷରୁ ସଭାପତି ଗୌରୀ ଶଙ୍କର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସବ୍ ଜଜ୍ ସନ୍ତୋଷ ମହାପାତ୍ର, ଏସ୍‌ଡିଜେଏମ୍ ବିଜୟ ଲକ୍ଷ୍ମୀ ମହାପାତ୍ର, ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ପାଢୀ, ବ୍ରହ୍ମାନନ୍ଦ ପଟ୍ଟନାୟକ, ଫଣୀଭୂଷଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ, ସମ୍ପାଦକ ପ୍ରବୀଣ ପଟନାୟକ, ଉପ ସଭାପତି ରମେଶ ଚନ୍ଦ୍ର ଲିମା ଉପସ୍ଥିତ ରହି ମଧୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ଗୁଣପୁର ମହାବିଦ୍ୟାଳୟରେ ଅଧ୍ୟକ୍ଷ ଶଶିଭୂଷଣ ମାହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଜଗନ୍ନାଥ ଦୀପ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ସତୀଶ କୁମାର ପଟ୍ଟନାୟକ, ଅମିୟ ରଞ୍ଜନ ମହାନ୍ତି ଓ ଦେବୀପ୍ରସାଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଡ଼ାରି ବ୍ଲକ୍: ୧୧ ବିଦ୍ୟାଳୟର ପିଲାଙ୍କୁ ମିଳିବ ପୋଷଣ ଲଡୁ

ଗୁଡାରି,୧୪ (ପ୍ରମୋଦ କୁମାର ପତି )

ଗୁଡ଼ାରି ବ୍ଲକ୍‌ର ୧୧ଟି ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ମିଳିବ ମଧ୍ୟାହ୍ନଭୋଜନ। ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣି କୁମ୍ବାର ମଙ୍ଗଳବାର ଗୁଡ଼ାରି ସରକାରୀ ହାଇସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଭୁରୁକୁଡୁ ହାଇସ୍କୁଲକୁ ଯାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ବିଇଓ କୁମ୍ବାର ମଧ୍ୟାହ୍ନଭୋଜନର ରନ୍ଧନ ଗୃହ, ଗୋଦାମ ଗୃହ ଓ ରୋଷେଇ କରିବା ସମୟରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଉତ୍ତମ ଶାରୀରିକ ଓ ମାନସିକ ବିକାଶ ପାଇଁ ଏହି ଯୋଜନାରେ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ପୋଷଣଯୁକ୍ତ ଖାଦ୍ୟ ପାଇବେ ବୋଲି ବିଇଓ ମତ ଦେଇଛନ୍ତି। ବିଇଓ ନିଜେ ପ୍ରଥମେ ମଧ୍ୟାହ୍ନଭୋଜନ ଚାଖିବା ପରେ ଛାତ୍ରୀଛାତ୍ରଙ୍କୁ ପରଷିଥିଲେ। ମଧ୍ୟାହ୍ନଭୋଜନ ରନ୍ଧନ ଏବଂ ପରଷିବା ସମୟରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ତାଗିଦ କରିଥିଲେ।



ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

ଗରିବ ଛାତ୍ରୀଛାତ୍ର, ଦୂର ଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ର ଏହି ଯୋଜନାରେ ଉପକୃତ ହେବା ସହ ବିଦ୍ୟାଳୟରେ ଶିକ୍ଷା ପ୍ରତି ମନ ବଳିବ, ଉପସ୍ଥାନ ବଢ଼ିବା ସହ ଏବଂ ଡ୍ରପ୍ ଆଉଟ କମିବ ବୋଲି ମତ ପ୍ରକାଶ କରିଛନ୍ତି। ପ୍ରତି ସୋମବାର, ବୁଧବାର ଓ ଶୁକ୍ରବାର ମଧ୍ୟାହ୍ନଭୋଜନରେ ଗୋଟିଏ ଅଣ୍ଡା ଦିଆଯିବ ଏବଂ ମଙ୍ଗଳବାର, ଗୁରୁବାର ଓ ଶନିବାର ପୋଷଣଯୁକ୍ତ ମାଣ୍ଡିଆଲଡୁ ଛାତ୍ରୀଛାତ୍ରଙ୍କୁ ଦିଆଯିବ। ସରକାରଙ୍କ ଏହି ଯୋଜନାକୁ ସ୍ୱାଗତ କରିବା ସହ ଅଭିଭାବକମାନେ ମଧ ସଚେତନ ହୋଇ ନିଜ ପିଲାଙ୍କୁ ନିୟମିତ ବିଦ୍ୟାଳୟ ପଠାଇବା ପାଇଁ ସେ ସହଯୋଗ କାମନା କରିଥିଲେ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଗୁତା ରୂପମାଝୀ, ସିଆର୍‌ସିସି ରାମକୃଷ୍ଣ ସାହୁ, ପ୍ରତାପ ସାଆନ୍ତଙ୍କ ସମେତ ଅନ୍ୟ ସିଆର୍‌ସିସି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପୋଲିସ ସେବା, ସୁରକ୍ଷାର ପ୍ରତୀକ

**୯୦ ତମ ପୋଲିସ ପ୍ରତିଷ୍ଠା ଦିବସ**

ଗୁଣପୁର,୧୪ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଭାମିନିଠାରେ ଥିବା ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ ପକ୍ଷରୁ ମଙ୍ଗଳବାର ୯୦ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଭାମିନିର ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀର ଦୁର୍ଗପତି ବ୍ରଜମୋହନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜିତ କରିଥିଲେ। ଆୟୋଜିତ ପରେଡକୁ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନୀଳାମ୍ବର ପରିଡା ଓ ଡେପୁଟି କମାଣ୍ଡାଣ୍ଟ ସନ୍ତୋଷ କୁମାର ବିଶ୍ୱାଳ ପରିଚାଳନା କରିଥିଲେ। ଏହି ଉତ୍ସବରେ ପୋଲିସ କ୍ଷେତ୍ରରେ



ପୋଲିସ ପକ୍ଷରୁ ପରେଡ୍ କରାଯାଉଛି।

ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏଥିସହ ପୋଲିସ ପ୍ରତିଷ୍ଠା ଦିବସ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚନ୍ଦ୍ର ମାଝୀଙ୍କ ବାର୍ତ୍ତା ପଢ଼ିବା ସହ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ସ୍ମୃତିଚାରଣ କରିଥିଲେ। ଉତ୍ସବରେ ଗୁଣପୁର ଉପଜିଲାପାଳ କିରଣଦୀପ କୌର ସହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୋଲିସ ସେବା ଓ ସୁରକ୍ଷାର ପ୍ରତୀକ, ଯାହା ତାଙ୍କ ଲୋଗୋରେ ପ୍ରତିଫଳିତ ହୋଇଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଣପୁରସ୍ଥିତ ଗାନ୍ଧୀ ବିଶ୍ୱବିଦ୍ୟାଳୟର ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ସାମାଜିକ କର୍ମୀ ଅକ୍ଷୟ ଦାସ ଯୋଗଦେଇ ପୋଲିସର କର୍ତ୍ତବ୍ୟ ନିଷ୍ଠା ଯୋଗୁଁ ଲୋକେ ସୁରକ୍ଷିତ ଭାବେ ରହୁଥିବା କହିବା ସହ ତାଙ୍କ ତ୍ୟାଗ ଓ ବଳିଦାନକୁ ପ୍ରଶଂସା ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରେଷ୍ଠ ଏସ୍‌ଆଇ ଭାବେ ଦୀପକ କୁମାର ବଳ, ଏଏସ୍‌ଆଇ ଭାବେ ବରୁଣ କହଁର, ଶ୍ରେଷ୍ଠ ହାବିଲଦାର ଭାବେ ଦେବ ।ଜ ଗାମ୍ଭଲି, ଏବଂ ଶ୍ରେଷ୍ଠ କନ୍‌ଷ୍ଟେବଲ ଭାବେ ଅମର କୁମାର ମିଶ୍ରଙ୍କୁ ମାନପତ୍ର ଓ ଆର୍ଥିକ ରାଶି ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ମଞ୍ଚକୁ ସୁଜିତ କୁମାର ଦାସ, ଦିଲୀପ ଚୌଧୁରୀ ଓ ରାଜୁ ଗମାଙ୍ଗ ପରିଚାଳନା କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରାମନାଗୁଡ଼ା ବିଡ଼ିଓ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ସାମାଜିକ କର୍ମୀ ରାଜେଶ୍ୱରୀ ଦଳେଇ, ଉକୁମ୍ବା ସରପଞ୍ଚ ମେନକା ଶବର, ଭାମିନି ସରପଞ୍ଚ ରୀତୁ ପ୍ରଭା ଗମାଙ୍ଗଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

## ଓଡ଼ିଶା ଦିବସରେ ସାନିଟାରି ନାପ୍‌କିନ୍ ବାଣିଜ୍ୟିକ ଉତ୍ପାଦକ ଲୋକାର୍ପିତ




ଅତିଥିମାନେ ଜୈବ ବିଘଟିତ ସାନିଟାରି ନାପ୍‌କିନ୍‌ର ବାଣିଜ୍ୟିକ ଉତ୍ପାଦକ ଲୋକାର୍ପିତ କରୁଛନ୍ତି।

ଗୁଣପୁର, ୧୪(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନୂଆଦିଲ୍ଲୀସ୍ଥିତ ବାୟୋଟେକ୍ନୋଲୋଜି ଶିଳ୍ପ ଅନୁସନ୍ଧାନ ପରିଷଦ ସହାୟତାରେ ବିଶ୍ୱବିଦ୍ୟାଳୟର ଇ-ୟୁବା କେନ୍ଦ୍ର ପକ୍ଷରୁ ପ୍ରସ୍ତୁତ ହୋଇଥିବା ଜୈବ ବିଘଟିତ ସାନିଟାରି ନାପ୍‌କିନ୍‌ର ବାଣିଜ୍ୟିକ ଉତ୍ପାଦକ ଲୋକାର୍ପିତ ହୋଇଛି। ଗୁଣପୁର ଉପଜିଲାପାଳ କିରଣ ଦୀପ କୌର ସହୋତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ଉନ୍ନତି ନିମନ୍ତେ ଜୈବ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉମ୍ବସରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର କେ. ନବ୍ୟା ଯୋଗଦେଇ ମହିଳାଙ୍କ କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ କହିବା ସହ ଗ୍ରାମାଞ୍ଚଳ ମହିଳାଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତାର ଆବଶ୍ୟକ ରହିଛି ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରମାନେ ନୂତନ ଜ୍ଞାନକୌଶଳ ଦ୍ୱାରା ନୂତନ ପଦାର୍ଥ ଉପରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। କୁଳପତି ଡ. ଏଭିଏନ୍‌ଏଲ୍ ଶର୍ମା, ସ୍କୁଲ ଅଫ ନର୍ସିଂର ଅଧ୍ୟକ୍ଷା କେ. ଜୟଶ୍ରୀ ମଞ୍ଚାସୀନ ଥିଲେ। ଅଧ୍ୟାପିକା ଘନିଷ୍ଠା ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିବା ବେଳେ ଜୈବ ପ୍ରଯୁକ୍ତି ବିଭାଗୀୟ ମୁଖ୍ୟ ଡ. ମନୋଜ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବସ୍ ଦୁର୍ଘଟଣାରେ ନାବାଳକ ମୃତ, ଉତ୍ତେଜନା

ରାୟଗଡ଼ା,୧୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର କଲ୍ୟାଣସିଂହପୁରଠାରୁ ଥେରୁବାଲି ଯିବା ରାସ୍ତାରେ ମଙ୍ଗଳବାର ବସ୍ ଦୁର୍ଘଟଣାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ହେଲେ ପାଟବନ୍ଧ ଗ୍ରାମର ଲଚା କାଡ୍ରାକାଙ୍କ ପୁଅ ସୁମନ କାଡ୍ରାକା (୧୨)। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଲୋକଙ୍କ ସହ ଗ୍ରାମବାସୀ ରାସ୍ତା ଉପରେ



ମୃତକଙ୍କ ପରିବାର ଲୋକେ ରାସ୍ତାରୋକୋ କରିଛନ୍ତି।

କାଠ ରଖି ଅବରୋଧ କରିଥିଲେ। ପରେ କଲ୍ୟାଣସିଂପୁର ଥାନା ଅଧିକାରୀ ନୀଳକଣ୍ଠ ବେହେରା ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ବସ୍ ମାଲିକ ଓ ମୃତକଙ୍କ ପରିବାର ମଧ୍ୟରେ ବୁଝାମଣା ହେବାପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଘଟଣା ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବେହେରା ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ପ୍ରାୟ ୭ଟାରେ କଲ୍ୟାଣସିଂହପୁରରୁ ଥେରୁବାଲି ଦେଇ ରାୟଗଡା ଯାଉଥିବା ହନୁମାନ ନାମକ ଘରୋଇ ବସ୍ ନଂ (ଓଡି ଏଲ ୫୫୬୫) ରାଉତ ପରିଡିଗୁଡ଼ା ନୂଆ ସାହି ନିକଟରେ ଯାତ୍ରୀ ଚଢିବେ ବୋଲି ଅଟକି ରହିଥିଲା। ଏହି ସମୟରେ ପୂଜା କାର୍ଯ୍ୟରେ ଗ୍ରାମର ନବୀନ ତାଡିକା ଓ ସୁମନ କାଡ୍ରାକା ଏକ ବାଇକ୍‌ରେ ଜଗନ୍ନାଥପୁର ଯାଉଥିଲେ। ତେବେ ବସ୍‌ଟି ନୂଆସାହି ନିକଟରେ ଲୋକେ ଚଢିବା ପରେ ଚାଲିବା ସମୟରେ ବାଇକ୍ ଚାଳକ ନବୀନ ବାମପଟ ଅତିକ୍ରମ କରିବା ସମୟରେ ମାଟିରେ ସ୍ଲିପ୍ ହୋଇଯିବାରୁ ସୁମନ ବସ୍ ଚକାତଳେ ପଡିଯାଇଥିବାରୁ ଦୁର୍ଘଟଣା ଘଟିଥିବା ଜଣାପଡିଛି। ପୂର୍ବରୁ ରାସ୍ତାକଡ଼ରେ ପାଇପଲାଇନ ବିଛାଇବା ପାଇଁ ମାଟି ଖୋଳାଯାଇଥିବାରୁ ନିୟନ୍ତ୍ରଣ ହରାଇ ପଡିଗଲୁ ବୋଲି ନବୀନ କହିଛନ୍ତି।

## ଓଡ଼ିଆ ଭାଷା, ସାହିତ୍ୟ, ଅସ୍ମିତା ସୁରକ୍ଷା ଉପରେ ଗୁରୁତ୍ୱ

**ମୁନିଗୁଡ଼ାରେ ଓଡ଼ିଶା ଦିବସ ପାଳିତ**

ମୁନିଗୁଡା,୧୪
(ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାର ସରକାରୀ ନୋଡାଲ ହାଇସ୍କୁଲ ପରିସରରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଏମ୍. ସାଇଲକ୍ଷ୍ମୀଙ୍କ ସଂଯୋଜନାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ ମାଝୀ ଯୋଗଦେଇ ଓଡ଼ିଶା ଦିବସ ପାଳନର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ ଓଡ଼ିଆ ଭାଷା, ସାହିତ୍ୟ, ସ୍ୱାଭିମାନ ଓ ଅସ୍ମିତାର ସୁରକ୍ଷା ଉପରେ ଆଲୋଚନା କରିଥିଲେ। ସେହିପରି ସ୍ଥାନୀୟ ଶୈଣ୍ଡିକ ମଙ୍ଗଳ ଭବନ ପରିସରରେ ମୁନିଗୁଡ଼ା ସାହିତ୍ୟ ସଂସଦ ଓ ପ୍ରେସ୍ କ୍ଲବର ମିଳିତ ଆୟୋଜନରେ ଓଡ଼ିଶା ଦିବସ ପାଳିତ ହୋଇଛି। ପ୍ରେସ କ୍ଲବ ଉପସଭାପତି ମନୋରଞ୍ଜନ ଦଳାଇଙ୍କ ସଭାପତିତ୍ୱ ଓ ମୁନିଗୁଡ଼ା ସାହିତ୍ୟ ସଂସଦ ସମ୍ପାଦକ ଉତ୍ତମ କୁମାର ଦାସଙ୍କ ସଂଯୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ସାହିତ୍ୟ ସଂସଦ ଉପଦେଷ୍ଟା ଡ.ଗୌରାଙ୍ଗ ଚରଣ ରାଉତ, ଉପସଭାପତି ରାଜକିଶୋର ବେହେରା, ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ ପି .ସୁଧାକର ପାତ୍ର, ସମ୍ମାନିତ ଅତିଥି ଖବରଦାତା ସୀମାଞ୍ଚଳ ପଣ୍ଡା, ପ୍ରମୋଦ କୁମାର ସାହୁକାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କବିତା ପାଠୋତ୍ସବରେ କବି କାଳନ୍ଦୀ ନାୟକ, ରାଜକିଶୋର ବେହେରା, ଅଶ୍ୱିନୀ ବାରିକ, ଗଣେଶ ସେଠୀ, ସୁବାସ କୁରା,ସୁଦର୍ଶନ ସାହୁ, ରାଜକିଶୋର ସେନାପତି, କବୟିତ୍ରୀ ନନ୍ଦିନୀ ଦାସ, ଆଇନଜୀବୀ ସୁଧାକର ମହାରଣା, ଓଡ଼ିଆ ଭାଷାବିତ୍ ଦେବେନ୍ଦ୍ର ଆଚାର୍ଯ୍ୟ,ସାମ୍ବାଦିକ ରାମଚନ୍ଦ୍ର ବେହେରା, ପ୍ରମୋଦ ସାହୁକାର, ହାଡିପା ଗୌଡ଼, ସିଏଚ୍.ଗଣେଶ୍ୱର ରାଓ,ଧନୁ କୁସୁଲିଆ,କ୍ଷମା ସାଗର ଦାସ, ପ୍ରସାଦ ସାହୁକାର ପ୍ରମୁଖ ସ୍ୱରଚିତ ଓଡ଼ିଆ ଭାଷା ଓ ଅସ୍ମିତା ଉପରେ କବିତା ଆବୃତ୍ତି କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ପ୍ରଗତିଶୀଳ ଓଡ଼ିଶାରେ ସବୁ ବର୍ଗର ବିକାଶ ଉପରେ ଗୁରୁତ୍ୱ: ଜିଲାପାଳ

**୯୦ତମ ଓଡ଼ିଶା ଦିବସ**

ରାୟଗଡ଼ା,୧୪(ଆଶିଷ ରଞ୍ଜନ ପଣ୍ଡା)



କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଅନ୍ୟ ଅତିଥିମାନେ।

ରାୟଗଡ଼ାରେ ମଙ୍ଗଳବାର ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଛି। ଏହି ଅବସରରେ ପ୍ରଭାତ ଫେରି ଅନୁଷ୍ଠିତ ହୋଇଥିଲା। ସକାଳୁ ସ୍ଥାନୀୟ ଗଜପତି ଛକରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାଏକ, ଉପଜିଲାପାଳ ରମେଶ ଚନ୍ଦ୍ର ଜେନା, ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାରଙ୍କ ସମେତ ବିଭିନ୍ନ ସଙ୍ଗଠନ ସଦସ୍ୟ ଉପସ୍ଥିତ ରହି ସାମୂହିକ ଭାବେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହାପରେ ସାଂସ୍କୃତିକ ଶୋଭାଯାତ୍ରା ବାହାରି ବସ୍‌ଷ୍ଟାଣ୍ଡଠାରେ ଥିବା ଡ. ବାବା ସାହେବ ଆମ୍ବେଦକର, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ସାଧାରଣ ସଭା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ପାରୁଲ ପଟୱାରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ପ୍ରଦେଶ ଗଠନରେ ମହାପୁରୁଷଙ୍କ ଭୂମିକା ଏବଂ ଆଜିର ପ୍ରଗତିଶୀଳ ଓଡ଼ିଶାରେ ସମସ୍ତ ବର୍ଗର ବିକାଶ ଉପରେ ନିଜ ବକ୍ତବ୍ୟରେ ଆଲୋକପାତ କରିଥିଲେ। ରାୟଗଡ଼ା ଏହାର ଅବିଚ୍ଛେଦ୍ୟ ଅଙ୍ଗ ଓ ଏହାର ପ୍ରଗତି ନିମନ୍ତେ ପ୍ରଶାସନ ସର୍ବଦା ଚେଷ୍ଟିତ ବୋଲି ଜିଲାପାଳ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଜିଲା ମୁଖ୍ୟ ବିକାଶ ଅଧିକାରୀ ତଥା ଅକ୍ଷୟ କୁମାର ଖେମୁଣ୍ଡୁ, ମୁଖ୍ୟବକ୍ତା ଡ. ଦୁଷ୍ମନ୍ତ କୁମାର ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ ପ୍ରମୁଖ ଯୋଗଦେଇଥିଲେ। ୧୯୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇଥିବା ବେଳେ ବର୍ତ୍ତମାନ ୮୯ ବର୍ଷ ବିତିଗଲାଣି। ଅତିଥିମାନେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ଉଜ୍ଜୀବିତ ତଥା ସମୃଦ୍ଧ କରିବା ପାଇଁ ଆହ୍ୱାନ ଦେଇଥିବା ବେଳେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଓ ଭାଷାଭିତ୍ତିକ ରାଜ୍ୟ ଗଠନରେ ମହାପୁରୁଷଙ୍କ ଉଦ୍ୟମର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଉଚ୍ଚ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ଜିଲା ବିଜେଡିର ଓଡ଼ିଶା ଦିବସ କାର୍ଯ୍ୟକ୍ରମ

ମାଲକାନଗିରି,୧୪
(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲାର ୨ ନିର୍ବାଚନମଣ୍ଡଳୀ ତଥା ଜିଲା ବିଜେଡି କାର୍ଯ୍ୟାଳୟ ଲାଠିଆଗୁଡାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସତନ୍ତ୍ର ଓଡ଼ିଶା ଗଠନରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିବା ବରପୁତ୍ର ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଜିଲା ବିଜେଡି ସଭାପତି ମାନସ ମାଡକାମୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ କର୍ମକାର୍ତ୍ତାମାନେ ମାଲ୍ୟାର୍ପଣ କରି ତାଙ୍କର ଜୀବନୀ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଗୋପାଳ କୃଷ୍ଣ ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟଙ୍ଗୁଲ, ଓକିଲ ସଂଘ ସଭାପତି ପ୍ରୀତପଲ ସିଂ, ପୌର ଉପାଧ୍ୟକ୍ଷା କବିତା ମହନ୍ତ, ବ୍ଲକ ଅଧ୍ୟକ୍ଷା ଗୌରୀ ପଡ଼ିଆମୀଙ୍କ ସହିତ ସମସ୍ତ ବରିଷ୍ଠ ନେତୃମଣ୍ଡଳୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବୋରିଗୁମ୍ମାରେ ଯୋଗଦେଲେ ନୂତନ ଆଇଆଇସି



ବୋରିଗୁମ୍ମା,୧୪(ବିଜୟ ସାହୁ)

ବୋରିଗୁମ୍ମା ଥାନାରେ ନୂତନ ଆଇଆଇସି ଭାବେ ଶ୍ୱେତପଦ୍ମା ସେଠ ଯୋଗଦାନ କରିଛନ୍ତି। ପୂର୍ବରୁ ସେ କଳାହାଣ୍ଡି ଜିଲାର ଗୋଲାମୁଣ୍ଡା ଥାନାରେ ଆଇଆଇସି ଭାବେ କାର୍ଯ୍ୟ କରୁଥିଲେ। ପତ୍ରାଙ୍କ.୨୬୫/୨୯।୦୩।୨୫ କୋରାପୁଟ ଏସ୍‌ପି ରୋହିତ ବର୍ମା ତାଙ୍କୁ ବୋରିଗୁମ୍ମା ଥାନାକୁ ଆଇଆଇସି ଭାବେ ବଦଳି କରିଥିଲେ। ବୋରିଗୁମ୍ମା ପ୍ରେସ୍ କ୍ଲବ ସଭାପତି ଜୟନାରାୟଣ ସାହୁଙ୍କ ନେତୃତ୍ୱରେ ନୂତନ ଆଇଆଇସିଙ୍କୁ ସ୍ୱାଗତ କରାଯାଇଥିଲା। ଏଥିରେ ପ୍ରେସ କ୍ଲବ୍ ସଭ୍ୟ କେ.ସାକିଲି ଦୋରା, ରଞ୍ଜନ କୁମାର ମିଶ୍ର, ଜି.ମୋହନ ଦୋରା, ଦୟାନିଧି ପଟ୍ଟନାୟକ,ମାନସ ହୋତା, ଶଙ୍କର ମହାନ୍ତି ଓ ଶରତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ୨୦୧୨ ବ୍ୟାଚ୍‌ର ଆଇଆଇସ ସେଠ ପୂର୍ବରୁ କୋରାପୁଟ ଓ ନବରଙ୍ଗପୁର ଜିଲାର ବିଭିନ୍ନ ଥାନାରେ କାର୍ଯ୍ୟ କରିଛନ୍ତି। ବୋରିଗୁମ୍ମା ଥାନାରେ ପୂର୍ବରୁ ଥିବା ଆଇଆଇସି ଯୁଗଳ କିଶୋର ସାଙ୍କୁ ନବରଙ୍ଗପୁର ଜିଲାକୁ ବଦଳି ହୋଇଛି।

# ମାତୃଭୂମି, ମାତୃଭାଷାର ସ୍ଥାନ ଉର୍ଦ୍ଧ୍ୱରେ

## ଜିଲାସ୍ତରୀୟ ଓଡ଼ିଶା ଦିବସ

ମାଲକାନଗିରି,୧୪(ଦୁର୍ଯ୍ୟୋଧନ ପାତ୍ର)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ମାତୃଭୂମି ଓ ମାତୃଭାଷାର ସ୍ଥାନ ସବୁଠାରୁ ଉର୍ଦ୍ଧ୍ୱରେ। ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଓଡ଼ିଆ ଭାଷା ସ୍ୱାଧୀନତା ପୂର୍ବରୁ ଭାଷା ଭିତ୍ତିରେ ଗଠନ ହୋଇଥିବା ପ୍ରଥମ ରାଜ୍ୟ ବୋଲି ଜିଲାସ୍ତରୀୟ ଓଡ଼ିଶା ଦିବସରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏହା କହିଛନ୍ତି। ମଙ୍ଗଳବାର ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟରେ ୯୦ତମ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଅତିରିକ୍ତ ଜିଲାପାଳ ସାଧାରଣ ସୋମନାଥ ପ୍ରଧାନ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ଏମ୍‌ପି ପ୍ରତିନିଧି ସଞ୍ଜୟ ସରକାର ପ୍ରମୁଖ ଉପସ୍ଥିତ ଥିଲେ।

ଜିଲାପାଳ ପାଟିଲ କହିଛନ୍ତି, ମାତୃଭୂମି, ମାତୃଭାଷା ସ୍ଥାନ ଉର୍ଦ୍ଧ୍ୱରେ। ତାକୁ ନେଇ ଗର୍ବ କରିବା ସହ ମାତୃଭାଷାର ସମ୍ମାନ ରଖିବା ପାଇଁ ଯଥାସାଧ ପ୍ରଯତ୍ନ କରିବାର ଆବଶ୍ୟକତା ରହିଛି। ଓଡ଼ିଶା ମାଟିରେ ପର୍ଯ୍ୟଟନର ଅପୂର୍ବ ସମ୍ଭାର ସହ ଖଣିଜ ପଦାର୍ଥ ଭରପୁର ରହିଛି। ରାଜ୍ୟ ସରକାର ଶିଳ୍ପର ବିକାଶ କରି ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପ୍ରୟାସ ଜାରି ରଖିଛନ୍ତି। ଓଡ଼ିଶାର କଳା ସଂସ୍କୃତି ଓ ଐତିହ୍ୟ ଏତେ ସମୃଦ୍ଧ ଥିଲା ଯାହା ସୁମାତ୍ରା, ଜାଭା ଓ ବାଲି ଦ୍ୱୀପ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ପାରିଥିଲା। ବିକଶିତ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ସହ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବାର ଦାୟିତ୍ୱ ଆଗାମୀ ଯୁବପିଢିଙ୍କର ବୋଲି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ।

ଅତିଥିମାନେ କହିଥିଲେ, ୧୯୩୬ ଏପ୍ରିଲ ପହିଲାରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଭାବେ ଗଠନ ହୋଇଥିବା ରାଜ୍ୟ ନିମନ୍ତେ ଯେଉଁ ବରପୁତ୍ରମାନେ ନିଜକୁ ସମର୍ପଣକରି ଦେଇଥିଲେ ସେମାନଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ମତବ୍ୟକ୍ତ କରିଥିଲେ। ରାଜ୍ୟ ସରକାର ଓଡ଼ିଆ ଅସ୍ମିତାକୁ ଅଖଣ୍ଡକରି ରଖିବା ପାଇଁ ଏପ୍ରିଲ ପହିଲାରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ କରୁଛନ୍ତି। ଏହି ଅବସରରେ ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ମହାତ୍ମା ଗାନ୍ଧୀ, ଗୋପବନ୍ଧୁ ଦାସ ଓ ସର୍କିଟ ହାଉସ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେହିପରି ସହରରେ ଥିବା ଅନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପ୍ରସାସନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି। ଏହି ଦିବସ ଉପଲକ୍ଷେ ଛାତ୍ରୀଛାତ୍ରମାନେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିଲେ। ଏଥିସହ ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ବାଲିଳୋ ବାଣିଶ୍ରୀ କଳା ନିକେତନ ଗରୁ ବିଟନଙ୍କ ଅଧୀନରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଓଡ଼ିଶା ଦିବସ

ମାଲକାନଗିରି, ୧୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସମ୍ପାଦକ ଅଶୋକ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସଂଘ ଉପସଭାପତି ରବିନାରାୟଣ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବା ବେଳେ ପୂର୍ବତନ ଜିଲା ସମାଜ ମଙ୍ଗଳ ଅଧିକାରୀ ପଦ୍ମ ରଞ୍ଜନ ଦାସ ମୁଖ୍ୟ ଅତିଥି ଓ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ମଞ୍ଚାସୀନ ଥିଲେ। ପ୍ରଥମେ ମଧୁବାବୁ, ଫକୀରମୋହନ, ଗଜପତି କୃଷ୍ଣଚନ୍ଦ୍ର, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ଧୂପ, ଦୀପ ଓ ପୁଷ୍ପମାଲ୍ୟ ଅର୍ପଣକରି ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ପରେ ସମସ୍ତ ଅତିଥି ମଧୁବାବୁଙ୍କ ଜୀବନୀ ଉତ୍କଳର ଅର୍ଦ୍ଧ ଶତାବ୍ଦୀର ଇତିହାସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ସଦସ୍ୟ ବାଳକୃଷ୍ଣ ପାଢ଼ୀ, ଶିବପ୍ରସାଦ ପାତ୍ର, ନବ କୁମାର ସାହୁ, ଏସ୍. ବୀରାସ୍ୱାମୀ, ବାବାଜୀ ସ୍ୱାଇଁ, ଜୟଦେବ ରାଉଳ, ସୁରେନ୍ଦ୍ର କୁମାର ମଲ୍ଲିକ, ଧବଳେଶ୍ୱର ରାଓ, ଚିରିବୀ ମହାପାତ୍ର, ଅଭିମନ୍ୟୁ ବେହେରା ଓ ଜୀବନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଅବସରପ୍ରାପ୍ତ କର୍ମଚାରୀମାନେ ଓଡ଼ିଶା ଦିବସ ପାଳନ କରୁଛନ୍ତି।

# ଐତିହ୍ୟ, ସଂସ୍କୃତି ସୁରକ୍ଷାରେ ବରପୁତ୍ରଙ୍କ ଅବଦାନ ଅତୁଳନୀୟ

ମାଥିଲି,୧୪(ସୁବାଷ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ମାଥିଲି ବ୍ଲକ୍ କାର୍ଯ୍ୟାଳୟରେ ମଙ୍ଗଳବାର ବ୍ଲକ ପ୍ରସାଶନ ତରଫରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିପିଡିଓ ରତନ ରାଏ, ସଞ୍ଜୟ ସାମଲ, ବିଏସଏସ ଲିଙ୍ଗରାଜ କରକରା, ଏପିଓ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଐତିହ୍ୟ, ସଂସ୍କୃତି ସୁରକ୍ଷାରେ ବରପୁତ୍ରଙ୍କ ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।



ଓଡ଼ିଶା ଦିବସ ପାଳନ ଅବସରରେ ବରପୁତ୍ରଙ୍କ ଫଟୋଚିତ୍ର ନିକଟରେ ଅତିଥି ଓ ଅନ୍ୟମାନେ ।

# ୯୦ତମ ପୋଲିସ ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସରେ କରାଯାଉଥିବା ପରେଡ ।

ମାଲକାନଗିରି,୧୪(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ୯୦ ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ଏଥିରେ ଜିଲା ଆରକ୍ଷୀ ଅଧୀକ୍ଷକ ଭିନୋଦ ପାଟିଲ ଏଚ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ ନାରାୟଣ ରଥ ଓ ପୋଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ବିଏସ୍ଏଫ କମାଣ୍ଡାଣ୍ଟ, ବହୁ ବରିଷ୍ଠ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ୧୯୩୬ ରେ ଓଡିଶାରେ ପୋଲିସ ବିଭାଗକୁ ସ୍ୱତନ୍ତ୍ର ଗଠନ କରାଯାଇଥିଲା। ସେହି ଦିନଠାରୁ ଏପ୍ରିଲ ୧ କୁ ପୋଲିସ ପ୍ରତିଷ୍ଠା ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସ ପାଳନ ଅବସରରେ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ପରେଡ ପରେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ଚଳିତ ବର୍ଷ ଯେଉଁ ପୋଲିସ ଅଧିକାରୀମାନେ ପୋଲିସ ବିଭାଗରେ ନିଷ୍ଠାର ସହ କର୍ତ୍ତବ୍ୟ ପ୍ରତିପାଦନ କରିଥିବା ଅଧିକାରୀ ଓ ସିପାହୀମାନଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ସମସ୍ତଙ୍କୁ ଏହିପରି ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ଉପଦେଶ ଦେଇ ଉତ୍ସାହିତ କରିଥିଲେ।

# ପଥ ସଞ୍ଚାଳନ କାର୍ଯ୍ୟକ୍ରମ

କୋରାପୁଟ,୧୪(ଅମିତାଭ ବେହେରା)

କୋରାପୁଟ ନଗର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ପକ୍ଷରୁ ହିନ୍ଦୁ ନବବର୍ଷ ଉପଲକ୍ଷେ ପଥ ସଞ୍ଚାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରଏସ୍‌ଏସ୍ ନଗର ସଭାପତି ବିଭୁପ୍ରସାଦ ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ଅଶୋକ ନଗରସ୍ଥିତ ହନୁମାନ ବାଟିକାରୁ ସହରର ଶତାଧିକ ସ୍ୱେଚ୍ଛାସେବୀ ସହର ପରିକ୍ରମା କରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ନଗର ସଭାପତି ସୁକାନ୍ତ ତ୍ରିପାଠୀ, ପ୍ରହ୍ଲାଦ ସାହୁ, ଧବଳେଶ୍ୱର ପଟ୍ଟନାୟକ, ଶରତ ଆଚାର୍ଯ୍ୟ, ଅରୁଣ ସାହୁ, ବିଜୟ ମିଶ୍ରଙ୍କ ସହ ସ୍ୱେଚ୍ଛାସେବୀ ଠେଙ୍ଗା ଧରି ସାମିଲ ହୋଇଥିଲେ।

# ମହୁମାଛି ଆକ୍ରମଣରେ ୩ ଆହତ

ନନ୍ଦପୁର,୧୪(ତୁଷାରକାନ୍ତ ମହାନ୍ତି)

କୋରାପୁଟ ଜିଲା ଲମତାପୁଟ ବ୍ଲକ୍ ଉମ୍ଭେଲ ପଞ୍ଚାୟତ ମେଡିପୁଟ ଗ୍ରାମରେ ମହୁମାଛି ଆକ୍ରମଣରେ ୩ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଗୋରା ଗୋଲରି, ଦଇମତି ପୁକିଆ ଓ ଦାସୀ ପୁକିଆ। ନନ୍ଦପୁର ପାଲିବା ସଂଯୋଗୀ ରାସ୍ତାର ବନମାଳିପୁଟ ଶିବ ମନ୍ଦିର ନିକଟ ରାସ୍ତାରେ ମହୁମାଛି ଆକ୍ରମଣ କରିଥିଲା। ବନମାଳିପୁଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡ. ଅବିନାଶ ପାଲ ଓ ଖବରଦାତା ହିରନ୍ୟ ବିଷୋୟୀ ୩ ମହିଳା ପୁରୁଷଙ୍କୁ ୫୦୦ ମିଟର ଦୂର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଆହତ ୩ ସୁସ୍ଥ ହୋଇ ଫେରିଥିବା ସୂଚନା ମିଳିଛି।

# କୋରାପୁଟ ଇଦ୍‌ଗାରେ ସ୍ୱତନ୍ତ୍ର ନମାଜ ପାଠ

କୋରାପୁଟ,୧୪(ଅମିତାଭ ବେହେରା)

ମୁସଲମାନଙ୍କ ପବିତ୍ର ପର୍ବ ଇଦ୍-ଉଲ୍-ଫିତର ଉପଲକ୍ଷେ କୋରାପୁଟ ଇଦଗାରେ ସ୍ୱତନ୍ତ୍ର ନମାଜ ପାଠ କରାଯାଇଛି। ସହରରେ ବାସ କରୁଥିବା ମୁସଲମାନ ଭାଇମାନେ ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ସ୍ଥାନୀୟ ପୁଚିକୋସାହିସ୍ଥିତ ମସ୍‌ଜିଦକୁ ସଜା ଯାଇଥିବା ବେଳେ ଘରେ ଘରେ ଲଚ୍ଛା, ମିଠା ଆଦି ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା। ପରଜାସାହିରେ ଥିବା ଇଦଗାରେ ମସଜିଦର ଗୁରୁ ମୁଜାମୀ ହୁସେନ ସମସ୍ତଙ୍କୁ ନମାଜ ପାଠ କରାଇଥିଲେ। ଏହି ଅବସରରେ କୋରାପୁଟ ସୁନି ମୁସଲିମ ସମ୍ପ୍ରଦାୟ ସଂଘର ସଭାପତି ଏ.ଏ .ଖାନ ଓ ସମ୍ପାଦକ ଖୁଦରତ ନୁରଙ୍କ ସହ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ। ସହରର ବିଭିନ୍ନ ସଂଘର ସଦସ୍ୟମାନେ ପରସ୍ପରକୁ ଆଲିଙ୍ଗନକରି ଶୁଭେଚ୍ଛା ଜଣାଇଥିଲେ।



ଇଦ୍‌ଗାରେ ନମାଜ ପାଠ କରାଯାଉଛି।

# ଦଣ୍ଡଯାତ୍ରା ଅନୁଷ୍ଠିତ

ସୁନାବେଡା/ସେମିଲିଗୁଡା,୧୪
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡା ଗଣେଷ ନଗରରେ ଦଣ୍ଡକାଳୀଙ୍କ ପ୍ରସିଦ୍ଧ ଦଣ୍ଡଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମାନସିକ ଧାରୀଙ୍କ ନିମନ୍ତ୍ରଣରେ କୋରାପୁଟ ଅଞ୍ଚଳର ୬୦ଜଣିଆ ଦଣ୍ଡୁଆ ଦଳ ପହଞ୍ଚିଥିଲେ। ନୀତି ଅନୁଯାୟୀ ଦଣ୍ଡୁଆ ମାନଙ୍କ ଧୂଳିଦଣ୍ଡ,ପାଣିଦଣ୍ଡ ଓ ଅଗ୍ନିଦଣ୍ଡ ଅନୁଷ୍ଠିତ ହୋଇଥିଲା। ସକାଳେ ଦଣ୍ଡୁଆମାନେ ସେମିଳିଗୁଡା ସହରର ବିଭିନ୍ନ ସାହି ପରିକ୍ରମା କରିଥିଲେ। ପରେ ଗଣେଶ ନଗର ଗାଁର ମୁଖ୍ୟ ରାସ୍ତାରେ ଧୂଳିଦଣ୍ଡ ହୋଇ ନନ୍ଦପୁର ରୋଡସ୍ଥିତ କୋଡ଼ି ଗାଁ ବନ୍ଧରେ ପାଣିଦଣ୍ଡ ଓ ଅଗ୍ନିଦଣ୍ଡ ହୋଇଥିଲା। ସନ୍ଧ୍ୟାରେ ଥାନା ନିକଟ ଶିବ ମନ୍ଦିର ପ୍ରାଙ୍ଗଣରେ ମା’ ଦଣ୍ଡ କାଳୀଙ୍କ ଆରତୀ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ମା’ଙ୍କ ଦର୍ଶନ କରିଥିଲେ। ଗଣେଶ ନଗରର ବାସିନ୍ଦା ସହଯୋଗ କରିଥିଲେ।

# ବିଭିନ୍ନ ସମସ୍ୟା ନେଇ ଟିପ୍ପର ଚଳାଚଳ ବନ୍ଦ

ମାଲକାନଗରି,୧୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଟିପ୍ପର ମାଲିକ ସଂଘ ତରଫରୁ ମଙ୍ଗଳବାରରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଟିପ୍ପର ମାଲିକ ଓ କର୍ମଚାରୀ ଚକାବନ୍ଦ ଆନ୍ଦୋଳନ କରିଛନ୍ତି। ଏହି ଉପଲକ୍ଷେ ମାଲିକ ଓ କର୍ମଚାରୀମାନେ କେତେକ ସମସ୍ୟାକୁ ନେଇ ଏହି ଏହା କରିଥିବା ବେଳେ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ସମସ୍ୟାଗୁଡିକ ମଧ୍ୟରେ ବିଭିନ୍ନ ସମୟରେ ମାଇନ୍ସ ବିଭାଗ, ତହସିଲ ଓ ପୋଲିସ ପକ୍ଷରୁ ଗାଡି ଯାଞ୍ଚ କରି କାଗଜପତ୍ର ଠିକ୍ ଥିବା ସତ୍ତ୍ୱେ ମଧ୍ୟ ଡ୍ରାଇଭରଙ୍କୁ ହଇରାଣ କରିବା ସହ କେସ୍ ଦାୟର କରୁଛନ୍ତି। ଏଥିସହ ବହୁ ଟଙ୍କା ଫାଇନ କାଟୁଛନ୍ତି। ବିଭିନ୍ନ ସରକାରୀ କାମରେ ଟିପ୍ପର ସାହାଯ୍ୟରେ ବାଲି, ଗୋଡ଼ି, ମାଟି ଓ ଇଟା ଇତ୍ୟାଦି ପରିବହନ କରିବାରେ ସଫଳ ହେଉଛନ୍ତି। ତେଣୁ ଏହାର ସମାଧାନ ନ ହେଲା ପର୍ଯ୍ୟନ୍ତ ଚକା ବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି।

ଟିପ୍ପର ମାଲିକ ସଂଘ ବଡଯାତ୍ରା ପଡିଆରେ ୨୫୦ରୁ ଉର୍ଦ୍ଧ୍ୱ ଟିପ୍ପର ରଖି ପ୍ରତିବାଦ ଜଣାଇଛନ୍ତି। ବୁଧବାର ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯିବ । ଯଦି ସମାଧାନ କରନ୍ତି ତେବେ ଉନ୍ନୟନ କାର୍ଯ୍ୟ ଚାଲୁ ରହିବ। ଏହା ପ୍ରଶାସନ ଉପରେ ନିର୍ଭର କରୁଛି ବୋଲି ମାଲ୍ୟବନ୍ତ ଟିପ୍ପର ସଂଘର ଅଜୟ କୁମାର ରାଉତ, ନବଘନ ଲକେଇ, ସୁରଜିତ ନନ୍ଦୀ, ମୁନା ପାତ୍ର, ପି. ରାମାରାଓ, ଜି. ଶ୍ୟାମ ସୁନ୍ଦର, ରାଜା ପାତ୍ର, ବାସୁଦେବ ରାଓ, ଗୋବିନ୍ଦ ଚନ୍ଦ୍ର ନାୟକ, ନିଶିକାନ୍ତ ପଣ୍ଡା, ବିନୟ ରାୟ ପ୍ରମୁଖଙ୍କ ସହ ୫୦ରୁ ଉର୍ଦ୍ଧ୍ୱ ମାଲିକ ଓ ଡ୍ରାଇଭର ଉପସ୍ଥିତ ଥିଲେ ।



ଟିପ୍ପର ମାଲିକଙ୍କ ପକ୍ଷରୁ ବାହାରିଥିବା ରାଲି ।

# ବାଲି, ପଥର ଚାଲାଣ ନିୟମକୁ ନେଇ ଆଲୋଚନା



ବୈଠକରେ ଏକାଠି ହୋଇଥିବା ଟ୍ରାକ୍ଟର ମାଲିକମାନେ ।

କୋରୁକୋଣ୍ଡା, ୧୪(ଶିବଦତ୍ତ ସାହୁ)

ବାଲିମେଳାରେ ମଙ୍ଗଳବାର ଟ୍ରାକ୍ଟର ସଂଘର ଏକ ଜରୁରି ବୈଠକ ଆଖଣ୍ଡଳମଣି ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସହରର ସମସ୍ତ ଟ୍ରାକ୍ଟର ମାଲିକ ଉପସ୍ଥିତ ରହି ଜିଲା ପ୍ରଶାସନ ଏବଂ ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ବାଲି ଓ ପଥର ଚାଲାଣ ନିୟମକୁ ନେଇ ଆଲୋଚନା କରିଥିଲେ। ପ୍ରଶାସନ ଓ ପୋଲିସ ତରଫରୁ ବାଲି ବୋଝଇ ଟ୍ରାକ୍ଟରଗୁଡିକୁ ଧରପଗଡ ପରେ ଥାନାରେ ଜବତ କରି ମାମଲା ରୁଜୁ କରିବା ସହିତ ଲକ୍ଷାଧିକ ଟଙ୍କା ଜରିମାନା ପକାଉଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ଅଞ୍ଚଳରେ ରହିଥିବା ଖାଦାନରୁ ଯେତିକି ବାଲି ଉଠାଣ ହେଉଛି ସେଥିରୁ କିଛି ସ୍ଥାନୀୟ ଲୋକଙ୍କ ଗୃହକାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ବେଳେ ଅଧିକାଂଶ ବାଲି,ପଥର ଓ ମେଟାଲ ପ୍ରଧାନମନ୍ତ୍ରୀ ଆବାସ ଯୋଜନରେ ହେଉଥିବା କାର୍ଯ୍ୟ ଏବଂ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟରେ ଲାଗୁଛି।

ଏହି ବାଲି ଓ ମେଟାଲ ବାଲିମେଳା ସହର ବ୍ୟତୀତ ବାହାର ଅଞ୍ଚଳକୁ ଚାଲାଣ କରାଯାଉନାହିଁ। ପୂର୍ବରୁ ବାଲି ଓ ମେଟାଲ ନିୟମିତ ଭାବେ ରୟାଲଟି ପୈଠ କରି ଆସୁଛନ୍ତି। ମାଇନିଂ ବିଭାଗ ବାଲିଘାଟ ଓ କ୍ରସର ସାମଗ୍ରୀର ତଦାରଖ କରି ଆସୁଛି।

## ଟ୍ରାକ୍ଟର ମାଲିକ ସଂଘ ବୈଠକ

କିନ୍ତୁ ଏବେ ସରକାରଙ୍କ ପକ୍ଷରୁ ପୋଲିସ ଓ ତହସିଲ କାର୍ଯ୍ୟାଳୟକୁ ଦାୟିତ୍ୱ ମିଳିବା ପରେ ଟ୍ରାକ୍ଟର ଓ ପିକ୍‌ଅପ୍ ବାଲି ବୋଝଇ ଗାଡିଗୁଡିକୁ ଜବତ କରିବା ସହିତ ମାଲିକଙ୍କ ନାମରେ ମାମଲା ରୁଜୁ କରାଯାଉଛି । ଫଳରେ ଟ୍ରାକ୍ଟର ମାଲିକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତିରେ ମାସିକ କିସ୍ତି ଟଙ୍କା ବାନ୍ଧିବା କଷ୍ଟ ହେଉଛି। ଉପରୋକ୍ତ ସମସ୍ୟାଗୁଡିକର ସ୍ଥାୟୀ ସମାଧାନ ନିମନ୍ତେ ସଙ୍ଘ ପକ୍ଷରୁ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ନିଷ୍ପତି ନିଆଯାଇଛି। ତେବେ ଆଲୋଚନା ପରେ ଯଦି ଏହାର ସ୍ଥାୟୀ ସମାଧାନ ନ ହୁଏ, ତେବେ ବାଲିମେଳା ସମେତ ଆଖପାଖ ଅଞ୍ଚଳରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ବାଧା ଉପୁଜିବ।

ଟ୍ରାକ୍ଟର ମାଲିକମାନେ ଆଗାମୀ ଦିନରେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ବାଲିମେଳା ଟ୍ରାକ୍ଟର ମାଲିକ ସଂଘ ସଭାପତି କେଦାର ମାହାନ୍ତି, ଉପ ସଭାପତି ସନ୍ତୋଷ ପଣ୍ଡା, ସମ୍ପାଦକ ତପନ ସାହୁ,ଗଗେସ ଡାକୁଆ, କୃଷ୍ଣ ବାଘ ବାବୁଲି ଜେନାମଣି,ସୁରେନ୍ଦ୍ର ଜେନା ଓ ତ୍ରିନାଥ ଦଳେଇଙ୍କ ସମେତ ସମସ୍ତ ଗାଡି ମାଲିକ କହିଛନ୍ତି।

# ସୀମାନ୍ତବାସୀଙ୍କୁ ଏକତ୍ରକରି ଜିଲା ପ୍ରଶାସନ ପାଳିଲା ଓଡ଼ିଶା ଦିବସ

ପଟ୍ଟାଙ୍ଗି,୧।୪(ଶରତ କୁମାର ଧଳ)

ଓଡ଼ିଶା ସୀମାନ୍ତରେ ଆନ୍ଧ୍ରର ଅନୁପ୍ରବେଶ ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ ପଟ୍ଟାଙ୍ଗି ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତ ସୀମାନ୍ତ ଗ୍ରାମରେ ସ୍ଥାନୀୟ ଜିଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସଦର ମହକୁମାରେ ଓଡ଼ିଶା ଦିବସ ପାଳନ କରାଯାଇଛି। ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣ ନାୟକ ଜିଲା ପ୍ରଶାସନ ସହଯୋଗରେ ସୀମାନ୍ତ ଗ୍ରାମବାସୀଙ୍କୁ ଏକତ୍ରକରି ଓଡ଼ିଶା ଦିବସ ପାଳନ କରି ଓଡ଼ିଆ ଭାଷାକୁ ସୀମାନ୍ତବାସୀଙ୍କ ନିକଟରେ ପହଞ୍ଚାଇବାକୁ ପ୍ରୟାସ କରିଛନ୍ତି। କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ଜିଲାପାଳ ଭି. କୀର୍ତ୍ତିଭାସନ, ଉପଜିଲାପାଳ ପ୍ରେମଲାଲ ହିଆଲ, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ସରପଞ୍ଚ ଲିଜୁ ଗେମେଲ, ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ଜିଲା ପରିଷଦ ସଭ୍ୟ ଲଇଚନ ଖରା, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗୀ, ତତ୍କାଳୀନ ଜିଲାପାଳ ଗଦାଧର ପରିଡ଼ା, ସିଡିଓ ବେଣୁଧର ଶବର ଓ ଏମ୍‌ପି ପ୍ରତିନିଧି ଶୁକ୍ରା ଖରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଓଡ଼ିଆ ଭାଷା ପ୍ରଚାରକୁ ଗୁରୁତ୍ୱ ଦିଆଯାଇଥିଲା। ସୀମାନ୍ତରେ ପଡ଼ୋଶୀ ଆନ୍ଧ୍ରକୁ ଅନୁପ୍ରବେଶ କରିବା ପାଇଁ ଆମେ କାହିଁକି ସୁଯୋଗ ଦେଉଛୁ ବୋଲି ଅତିଥି ଅଞ୍ଚଳବାସୀଙ୍କୁ ପ୍ରଶ୍ନ କରିଥିଲେ। ଜିଲା ପ୍ରଶାସନର ପ୍ରସ୍ତାବରେ ରାଜ୍ୟ ସରକାର ପଞ୍ଚାୟତରେ ଉନ୍ନତି ନେଇ ସହଯୋଗ କରୁଛନ୍ତି। ଏହା ସମସ୍ତ ସୀମାନ୍ତବାସୀ ବୁଝିବା ଆବଶ୍ୟକ ରହିଛି ଓ ୧୯୬୧/୬୨ରେ କୋଟିଆକୁ ନେଇ ଆନ୍ଧ୍ର ସରକାର ସହ ପୂର୍ବତନ ବିଧାୟକ ତଥା ମୋ ବାପା ପାଙ୍ଗୀ ମୁସୁରି ସାନ୍ତା ଯୁକ୍ତିତର୍କ କରି ଓଡ଼ିଆ ଭାଷା ଓ ମାଟିକୁ ସୁରକ୍ଷା ଦେବାକୁ ସଂଗ୍ରାମ ଜାରି ରଖିଥିଲେ ବୋଲି ପୂର୍ବତନ ଏମ୍‌ପି ପାଙ୍ଗୀ କହିଥିଲେ। ବର୍ତ୍ତମାନ ସୀମା ବିବାଦ ସମୟରେ ଜିଲା ପ୍ରଶାସନ ପକ୍ଷରୁ ସୀମାନ୍ତ କୋଟିଆରେ ଓଡ଼ିଶା ଦିବସ ପାଳନ ଆୟୋଜନ କରି ସମଗ୍ର ରାଜ୍ୟରେ ଉଦାହରଣ ସୃଷ୍ଟି କରିଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଧାୟକ କାଡାମ ଦୁଇ ରାଜ୍ୟ ମଧ୍ୟରେ ଲାଗି ରହିଥିବା ସୀମା ବିବାଦକୁ ନେଇ ରାଜ୍ୟ ସରକାର ଆଗେଇ ଆସି ସମାଧାନ କରିବା ଆବଶ୍ୟକ ରହିଛି। ବର୍ତ୍ତମାନ ଡବଲ୍ ଇଞ୍ଜିନ୍ ସରକାର ଚାଲିଥିବା ବେଳେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ସହ କାହିଁକି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଲୋଚନା କରି ସମସ୍ୟାର ସମାଧାନ କରୁନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଏଭଳି ସମସ୍ୟା ଲାଗି ରହିଲେ ଆଗାମୀ ଦିନରେ ଆନ୍ଦୋଳନ ହେବା ସୁନିଶ୍ଚିତ ବୋଲି କହିଛନ୍ତି। ସୀମା ବିବାଦ ସମାଧାନ କରିବା ଜିଲା ଓ ବ୍ଲକ୍ ପ୍ରଶାସନର ଦାୟିତ୍ୱ ନୁହେଁ। ଏହା ଜନପ୍ରତିନିଧି ଓ ସୀମାନ୍ତବାସୀଙ୍କ ଦାୟିତ୍ୱ ହେବା ଆବଶ୍ୟକ। ଆନ୍ଧ୍ର ଯାହାବି କରୁଛି ସବୁ ଲୁଚି ଛପି କରୁଛି। ଏହି ସ୍ଥିତିରେ ସୀମାନ୍ତବାସୀ ଯତ୍ନବାନ ହେବା ଆବଶ୍ୟକ ବୋଲି ଜିଲାପାଳ ଭାସନ ଆହ୍ୱାନ ଦେଇଥିଲେ। ପଞ୍ଚାୟତର ଦୁଇ ସୀମାନ୍ତ ଗ୍ରାମ ମାଥାଲାଆମ୍ବ ଓ ଗୁମେଲପଦରରେ ୭୦ ଜଙ୍ଗଲଜମି ପଟ୍ଟା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ସାଂସ୍କୃତିକ ଅଧିକାରୀ ପ୍ରୀତି ସୁଧା ଜେନା, ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କ ସହ ବ୍ଲକ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଓଡ଼ିଆ ଭାଷାକୁ ଗ୍ରାମବାସୀଙ୍କ ନିକଟରେ ପହଞ୍ଚାଇବାକୁ ଗୁରୁତ୍ୱ**

# ୨୩ ପଞ୍ଚାୟତର ୧୬୦୩୪ ଛାତ୍ରୀଛାତ୍ରଙ୍କୁ ମାଣ୍ଡିଆଲଡୁ


ଛାତ୍ରୀମାନଙ୍କୁ ମଧ୍ୟାହ୍ନଭୋଜନରେ ଲଡୁ ଦିଆଯାଇଛି।

ନନ୍ଦପୁର,୧।୪(ତୁଷାରକାନ୍ତ ମହାନ୍ତି)

ମଧ୍ୟାହ୍ନଭୋଜନରେ ପୁଷ୍ଟି ପୋଷକ ବଢ଼ାଇବାକୁ ଛାତ୍ରୀଛାତ୍ରଙ୍କୁ ସପ୍ତାହକୁ ୩ ଦିନ ମାଣ୍ଡିଆଲଡୁ ପ୍ରଦାନ କରିବାକୁ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହୋଇଛି। ନନ୍ଦପୁର ବ୍ଲକ୍ ଅଧୀନ ୨୩ ପଞ୍ଚାୟତର ୧୮୮ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଓ ନବମ, ଦଶମ ଶ୍ରେଣୀ ନନ୍ଦପୁର ଓ ଚାଟୁଆ ଉଚ୍ଚ ବିଦ୍ୟାଳୟର ମୋଟ ୧୬୦୩୪ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାରରୁ ମଧ୍ୟାହ୍ନଭୋଜନରେ ମାଣ୍ଡିଆଲଡୁ ଦିଆଯିବା ସୂଚନା ମିଳିଛି। ଓଡ଼ିଶା ଦିବସ ପାଳନ ସମୟରେ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ ମାଣ୍ଡିଆ ଲଡୁ ପ୍ରଦାନ କରାଯାଇଥିବା ବ୍ଲକ୍ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ ଓ ଏମ୍‌ଡିଏମ୍ ତଦାରଖ ଦାୟିତ୍ୱରେ ଥିବା ସହକାରୀ ଶିକ୍ଷାଧିକାରୀ ମମତାଜ ଗମାଙ୍ଗ ସୂଚନା ଦେଇଛନ୍ତି। ଶିକ୍ଷା ବିଭାଗ ପକ୍ଷରୁ ଲଡୁ ପିଛା ୩.୫୦ ପଇସାର ବ୍ୟୟ ବରାଦ ହୋଇଛି। ସ୍ଥାନୀୟ ବଜାରରୁ ମାଣ୍ଡିଆ ଚୂନା, ବାଦାମ, ରାଶି, ଗୁଡ ଓ ଘିଅ କିଣି ପାଚିକାଙ୍କ ଦ୍ୱାରା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ରହିଛି। ବ୍ଲକ ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୂର୍ବତନ ଜିଲା ବୋର୍ଡ ପ୍ରାଥମିକ ବିଦ୍ୟାଳୟ, କୁମ୍ଭାର ସାହି ପ୍ରାଥମିକ ବିଦ୍ୟାଳୟ ଓ ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ମାଣ୍ଡିଆ ଲଡୁ ଦିଆଯାଇଥିଲା।

# ଓସିୟୁ ପକ୍ଷରୁ ଓଡ଼ିଶା ଦିବସ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ବିଶ୍ୱବିଦ୍ୟାଳୟ କୁଳପତି ଓ ଅନ୍ୟମାନେ।

କୋରାପୁଟ,୧।୪(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ଓସିୟୁ)ରେ ଓଡ଼ିଆ ବିଭାଗ ପକ୍ଷରୁ ଓଡ଼ିଶା ଦିବସ ସୁନାବେଡ଼ାସ୍ଥିତ ମୁଖ୍ୟ କ୍ୟାମ୍ପସ ସମ୍ମିଳନୀ କକ୍ଷ-୩ରେ ପାଳିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଯୋଗଦେଇଥିଲେ। ଓଡ଼ିଆ ଭାଷାର ମହାନତା ଓ ରାଜ୍ୟର ଗୌରବମୟ ଇତିହାସ, ଓଡ଼ିଆଙ୍କ କର୍ତ୍ତବ୍ୟ ଓ କର୍ମ ଚଞ୍ଚଳତା ଉପରେ ପ୍ରଶ୍ନ ଉଠାଇ ଏହାର ସମାଧାନ ଦିଗରେ ଆଗ୍ରହ ପ୍ରକାଶ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ଡ. ମନୋରଞ୍ଜନ ପ୍ରଧାନ ଓ ଭାଷା ସମୂହର ଅଧ୍ୟକ୍ଷ ପ୍ରଫେସର ନରସିଂହ ଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେ ସଂସ୍କୃତ ଭାଷା ଏବଂ ଓଡ଼ିଆ ଭାଷା ମଧ୍ୟରେ ଥିବା ସାମଞ୍ଜସ୍ୟ ନେଇ କହିଥିଲେ। ସଂସ୍କୃତ ବିଭାଗର ସହ ପ୍ରାଧ୍ୟାପକ ଡ.ନବୀନ କୁମାର ପ୍ରଧାନ ଶାନ୍ତିମନ୍ତ୍ର ଉଚ୍ଚାରଣ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ.ପ୍ରଦୋଷ କୁମାର ସ୍ୱାଇଁ ଅତିଥି ପରିଚୟ ଦେଇଥିଲେ। ଡ. ସତ୍ୟ ନାରାୟଣ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ


କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲାପାଳ ଓ ଅନ୍ୟମାନେ।

କୋରାପୁଟ,୧।୪(ଅମିତାଭ ବେହେରା)

କୋରାପୁଟ ଜିଲା ସଦର ମହକୁମାରେ ଜିଲାସ୍ତରୀୟ ଓଡ଼ିଶା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ କୋରାପୁଟର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ସଂଗ୍ରାମୀ ଓ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସ୍ଥାନୀୟ ଏସ୍‌ପି ବାସଭବନ ନିକଟରେ ଥିବା ବରପୁତ୍ର କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା। ଏଥିରେ ବିଧାୟକ ରଘୁରାମ ମାଛ, ଜିଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲାପାଳ ଭି. କୀର୍ତ୍ତିଭାସନ, ଅତିରିକ୍ତ ଜିଲାପାଳ ଦେବୀପ୍ରସାଦ ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଉପଜିଲାପାଳ ପ୍ରେମଲାଲ ହିଆଲ, ଜିଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ସାମାଜିକକର୍ମୀ ରୂପକ ତୁରକ ଓ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସେହିପରି ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ଭବନରେ ଓଡ଼ିଶା ଦିବସ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ବିଜେଡି ପକ୍ଷରୁ ଓଡ଼ିଶା ଦିବସ

କୋରାପୁଟ,୧।୪(ଅମିତାଭ ବେହେରା)

କୋରାପୁଟ ବିଜେଡ଼ି ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଛି। ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ଥାନୀୟ ବିଜୁ ପାଠାଗାରରେ ପୂର୍ବତନ ବିଧାୟକ ରଘୁରାମ ପଡାଲଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଜେଡ଼ିର ପୂର୍ବତନ ଜିଲା ସଭାପତି ତଥା କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇଥିଲେ। କୋରାପୁଟ ମ୍ୟୁନିସିପାଲିଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ,ଜିଲା ମହିଳା ସଭାନେତ୍ରୀ ପାର୍ବତୀ ମନ୍ତ୍ରି,ଏସ୍‌ଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ,ଜିଲା ପରିଷଦ ସଭ୍ୟ ରଘୁ ଜାନି, ବ୍ଲକ ସଭାପତି ମଣ୍ଟୁ ବେନ୍ୟା,ନଗର ସଭାନେତ୍ରୀ ଦେବିଶ୍ରୀ ପ୍ରଧାନ ଓ ଏଆରଓ ଧରମ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାରେ ୧୧୨ ଟ୍ରାନ୍ସଜେଣ୍ଡର ଚିହ୍ନଟ



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଅନ୍ୟମାନେ।

କୋରାପୁଟ,୧।୪(ଅମିତାଭ ବେହେରା)

**ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦୃଶ୍ୟମାନ ଦିବସ**

କୋରାପୁଟ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସ୍ଥାନୀୟ ଦକ୍ଷତା ବିକାଶ କେନ୍ଦ୍ରରେ ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦୃଶ୍ୟମାନ ଦିବସ ପାଳିତ ହୋଇଯାଇଛି। ଜିଲା ସମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ବିଭାଗର ଏଡିପିଏଚ୍‌ଓ ଡ. ଶିବସାଇ ସ୍ୱରୂପ ଯୋଗଦେଇଥିଲେ। ଟ୍ରାନ୍ସଜେଣ୍ଡରଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଆତ୍ମନିର୍ଭରଶୀଳ ହେବା ପାଇଁ ସ୍ୱୀକୃତି ଯୋଜନାର ଗୁରୁତ୍ୱ ଓ ଭତ୍ତା ପାଇବା ବ୍ୟବସ୍ଥା ରହିଛି ବୋଲି ସୂଚନା ଦିଆଯାଇଥିଲା। କିନ୍ନର ସ୍ମାଇଲ କୁଲଦୀପ ବିଭିନ୍ନ କଲେଜ ଓ ସର୍ବସାଧାରଣ ସ୍ଥାନରେ ଟ୍ରାନ୍ସଜେଣ୍ଡରଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା କରିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପଦବୀ ପାଇଁ ସେମାନଙ୍କ ସଂରକ୍ଷଣ ସୁବିଧା ରହିବା ଆବଶ୍ୟକ ବୋଲି ଦାବି କରିଥିଲେ। ଜିଲାରେ ୧୧୨ଜଣ ଟ୍ରାନ୍ସଜେଣ୍ଡରଙ୍କୁ ଚିହ୍ନଟ କରାଯାଇଛି। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ୩୦ ଟ୍ରାନ୍ସେଜଣ୍ଡର ଯୋଗଦେଇଥିଲେ।

# ବିଭିନ୍ନ ଅନୁଷ୍ଠାନରେ ଓଡ଼ିଶା ଦିବସ

ଜୟପୁର,୧।୪(ପବନ ପାଣିଗ୍ରାହୀ)

ଜୟପୁର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର, ସ୍ୱାଧିନତା ସଂଗ୍ରାମୀ ଓ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବାଙ୍କ ସହ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ଥିଲେ। ଉତ୍କଳ ସମ୍ମିଳନୀ କୋରାପୁଟ ଜିଲା ଶାଖା ପକ୍ଷରୁ ଜୟପୁର ରାଜାନଅରସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ବିନୋଦ ମହାପାତ୍ର, ମଦନ ମୋହନ ନାୟକ, ଦେବେନ୍ଦ୍ର ବାହିନୀପତି, ନବୀନ ମାଦଳା, ପରମେଶ୍ୱର ପାତ୍ର ଓ ରାଜେନ୍ଦ୍ର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲା ଓକିଲ ସଂଘ ପକ୍ଷରୁ ଜିଲା କୋର୍ଟ ପରିସର ମଧୁସୁଦନ ଦାଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଂଘ ସଭାପତି ସରୋଜ ଦାସ, ବିରେଶ ପଟ୍ଟନାୟକ ମହେନ୍ଦ୍ର ଅଧିକାରୀ, ସହଦେବ ପଟ୍ଟନାୟକ, ସଚ୍ଚିଦା ନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟରେ ଆନୁଷ୍ଠାନିକ ଭାବେ ଉତ୍କଳ ଦିବସ ପାଳିତ ହେଉଥିବା ନେଇ ଅତିଥି ମତ ବ୍ୟକ୍ତ କରିଥିଲେ। ରାବଣାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିକାଲ ଅଫିସର ସ୍ୱାସ୍ଥିକ ମହଲା, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଧରିତ୍ରୀ ମୁଦୁଲି, ବ୍ଲକ୍ ଏସ୍. ରାମ କ୍ରିଷ୍ଣା, ସୁପରଭାଇଜର ଉଦୟ ଭାନୁ ପଟ୍ଟନାୟକ, ନରସିଂହ ଦାଡିଆ ଓ ପ୍ରସାନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ତଦନ୍ତ ଆରମ୍ଭକଲା ସାଇଣ୍ଟିଫିକ୍ ଟିମ୍

ଜୟପୁର,୧।୪(ପବନ ପାଣିଗ୍ରାହୀ)

**ଖଣ୍ଡାରେ ଆକ୍ରମଣ କରି ହତ୍ୟା ମାମଲା**

ଜୟପୁର ସଦର ଥାନା ବନଗୁଡ଼ା ମନ୍ଦିର ନିକଟରେ ରବିବାର ଖଣ୍ଡାରେ ଆକ୍ରମଣ କରି ହତ୍ୟା ମାମଲାରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ମାରଣାସ୍ତ୍ର ଜବତ ହୋଇଛି। ସୂଚନାଯୋଗ୍ୟ, ଫାମ୍ପୁଣିର ପଦ୍ମନ ହରିଜନ ବାଇକ୍‌ରେ ପେପର ମିଲରୁ ଫେରୁଥିବା ବେଳେ କେତେକ ଦୁର୍ବୃତ୍ତ ତାଙ୍କୁ ଯୋଜନାବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରିଥିଲେ। ତାଙ୍କୁ ଗଳାକାଟି ହତ୍ୟା କରିଥିଲେ। ଏ ନେଇ ଜୟପୁର ସଦର ପୋଲିସ ତଦନ୍ତ ଆରମ୍ଭ କରିଥିବା ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ପାଡୁଆରେ ଓଡ଼ିଶା ଦିବସ

ନନ୍ଦପୁର,୧।୪(ତୁଷାରକାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ପାଡୁଆ ଅଞ୍ଚଳର ବୁଦ୍ଧିଜୀବୀ ଓ କୁଲାବିର ପଞ୍ଚାୟତର ଲୋକ ପ୍ରତିନିଧି ମଙ୍ଗଳବାର ପାଡୁଆ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଓଡ଼ିଶା ଦିବସ ପାଳନ କରିଛନ୍ତି। ଭାଷାଭିତ୍ତିକ ରାଜ୍ୟ ଓଡ଼ିଶା ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାପୁରୁଷଙ୍କ ସ୍ମୃତିଚାରଣ କରି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପଞ୍ଚାୟତ ବିଜେଡ଼ି ସଭାପତି ଧନ ଖିଲଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସଦସ୍ୟ ନମନ୍ତି ଖିଲ,ଶଶୀ ପଟ୍ଟନାୟକ, ଚଣ୍ଡାଳ କୁରେଶି ଓ ଅର୍ଜୁନ ସୁକ୍ରୀ ପ୍ରମୁଖଙ୍କ ସହ କୁଲାବିର, ପାଡୁଆ, ଅତଣ୍ଡା, ହାତୀବାରି ପଞ୍ଚାୟତର ଶତାଧିକ ମହିଳା ପୁରୁଷ ସାମିଲ ଥିଲେ।

# ୯୦ତମ ପୋଲିସ ପ୍ରତିଷ୍ଠା ଦିବସ

କୋରାପୁଟ,୧।୪(ଅମିତାଭ ବେହେରା)

**ଉଲ୍ଲେଖନୀୟ ସେବା ପାଇଁ ଯବାନ ପୁରସ୍କୃତ**

କୋରାପୁଟ ପୋଲିସ ପ୍ୟାରେଡ ପଡିଆରେ ୯୦ତମ ପୋଲିସ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। କୋରାପୁଟ ଏସ୍‌ପି ରୋହିତ ବର୍ମା ସମ୍ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ। ଉଲ୍ଲେଖନୀୟ ସେବା ପାଇଁ ଓଏସ୍‌ଏପି ୩ୟ ବାଟାଲିୟନର ବିଶ୍ୱନାଥ ପଟ୍ଟନାୟକ, ପ୍ରଦୀପ କୁମାର ସେଠୀ, ପ୍ରଦୀପ ପରିଡ଼ା ଓ ରାଜେଶ କୁଜୁର,ସପ୍ତମ ସ୍ୱତନ୍ତ୍ର ଆଇଆରବିଏନର ମନୋଜ କୁମାର ଏସ୍. ମହାପାତ୍ର, ପଦ୍ମନ କୁମାର ମହାପାତ୍ର, ଦୁଷ୍ମନ୍ତ କୁମାର ମହଲା ଓ ତରୁଣ ସାହୁ,ଜିଲା ପୋଲିସର ଚରଣ ସିଂ ମାଝୀ, ଶ୍ୟାମ ସୁନ୍ଦର ରଥ, ରୋହିତ କୁମାର ବେହେରା, ଶୁଭ୍ରାଂଶୁ ଶେଖର ଗୌଡ଼, ଚଞ୍ଚଳା ଟାକ୍ରୀ ଓ ଦେବାଶିଷ ପ୍ରଧାନ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଭଲିବଲ ପ୍ରତିଯୋଗୀତାର ଚମ୍ପିୟାନ ଓ ରନରଅପ ଦଳକୁ ପୁରସ୍କୃତ କରାଯାଇଥିଲା। ନୂତନ ଆହ୍ୱାନକୁ ଗୁରୁତ୍ୱ ଦିଆଯାଇ ମୁକାବିଲା କରାଯିବ ବୋଲି ଏସ୍‌ପି ବର୍ମା କହିଛନ୍ତି। ଜୟପୁର ଉପଖଣ୍ଡ ପୋଲିସ ଅଧିକାରୀ ପାର୍ଥ ଜଗଦୀଶ କଶ୍ୟପ, ଅନ୍ୟ ପୋଲିସ ଅଧିକାରୀ, ଶହୀଦ ପରିବାର ଓ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଯୋଗଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ।

# ବହୁ କୋଟି ଟଙ୍କା ଦୁର୍ନୀତି ଅଭିଯୋଗ

- କୁନ୍ଦୁରା ଲ୍ୟାମ୍ପସର ବାର୍ଷିକ ସାଧାରଣ ସଭା
- ବାର୍ଷିକ ବୈଠକ ସହ ସ୍ଥାୟୀ ସୁପରଭାଇଜର ନିଯୁକ୍ତି ଚାଷୀଙ୍କ ଦାବି

କୁନ୍ଦୁରା,୧।୪(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଅଧୀନ ସମବାୟ ବିଭାଗ ତଥା ଲ୍ୟାମ୍ପସର ବାର୍ଷିକ ସାଧାରଣ ସଭାରେ ଚାଷୀ ଅସନ୍ତୋଷ ରହିଥିବା ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମରେ ଲ୍ୟାମ୍ପସ ସଭାପତି ସୁଭଦ୍ରା ଭୂମିଆ,ସମବାୟ ଉପନିବନ୍ଧକ ଭୀମସେନ ସାହୁ, ନିର୍ଦ୍ଦେଶକ ସଞ୍ଜୟ କୁମାର ସାହୁ, ଏମ୍‌ପି ପ୍ରତିନିଧି ଅମ୍ବୁ ପାତ୍ର, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ,ପୂର୍ବତନ ଲ୍ୟାମ୍ପସ୍ ସଭାପତି ଲକ୍ଷ୍ମୀକାନ୍ତ ପଟ୍ଟନାୟକ,ବରିଷ୍ଠ ଚାଷୀନେତା ନରେନ୍ଦ୍ର ପ୍ରଧାନ, ଗୋକୁଳ ପଟ୍ଟନାୟକ ଓ ଉମେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କୁନ୍ଦୁରା ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ପର୍ଶୁରାମ ମହାରଣାଙ୍କ ବାର୍ଷିକ ବିବରଣୀ ପାଠ ପରେ ସଭାରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଦୀର୍ଘ ବର୍ଷ ଧରି କୁନ୍ଦୁରା ଲ୍ୟାମ୍ପସ୍‌ରେ ବହୁ କୋଟି ଟଙ୍କାର ଦୁର୍ନୀତିକୁ ନେଇ ଜିଲାପାଳ ଓ ଦୁର୍ନୀତି ନିବାରଣ ବିଭାଗ ନିକଟରେ ଚାଷୀ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଫଳରେ କୁନ୍ଦୁରା ବ୍ଲକ୍ ଅଧୀନରେ ଥିବା ଅନେକ ହଜାର ଚାଷୀ ହଇରାଣ ହେଉଥିବା ସେମାନେ କହିଛନ୍ତି। ରାଜ୍ୟରେ କାର୍ଯ୍ୟ କରୁଥିବା ସମସ୍ତ ବିଭାଗର ସମୀକ୍ଷା ତଥା ଅଡିଟ ବାର୍ଷିକ ହେଉଥିବା ବେଳେ ସମବାୟ ବିଭାଗ କ୍ଷେତ୍ରରେ ତାହା ୧୦ ବର୍ଷରେ ଥରେ ହେଉଛି। ଏଥିଯୋଗୁ ଦୁର୍ନୀତି ରୋକିବାରେ ବିଭାଗ ବିଫଳ ହେଉଛି। ଏହାର ଫାଇଦା ନେଇ କେତେଜଣ କର୍ମଚାରୀ ଦୁର୍ନୀତି କରୁଥିବା ଅଭିଯୋଗ ହୋଇଛି। ଲକ୍ଷାଧିକ ଟଙ୍କାରେ କ୍ରୟ ହୋଇଥିବା ଧାନ ଅମଳ କରୁଥିବା ହାର୍ଭେଷ୍ଟିଂ ମେଶିନ ବ୍ୟବହାର ନ ହୋଇ ଅଚଳ ହୋଇପଡୁଛି। ଏ ନେଇ ପ୍ରତିବର୍ଷ ଅଭିଯୋଗ ହେବା ସତ୍ତ୍ୱେ ପଦକ୍ଷେପ ନିଆଯାଉ ନ ଥିବାରୁ ଚାଷୀ ହୋ ହାଲ୍ଲା କରିଥିଲେ। କୁନ୍ଦୁରା ସମବାୟ ବିଭାଗ ଅଧୀନରେ ଥିବା ଲ୍ୟାମ୍ପସ କାର୍ଯ୍ୟାଳୟ ଓ ଗୋଦାମ ଗୃହଗୁଡ଼ିକ ଭଙ୍ଗା ଦଦରା ଅବସ୍ଥାରେ ପଡ଼ିରହିବା ସହ ଲୋକ ବସିବାକୁ କୌଣସି ସ୍ଥାନ କରାଯାଉ ନ ଥିବାରୁ ବୈଠକରେ ଚାଷୀ ଅସନ୍ତୋଷ ପ୍ରକାଶ କରିଥିଲେ। ଲିମା ସମବାୟ କାର୍ଯ୍ୟାଳୟ ଶାଖା ଜାଗାକୁ ଜଣେ ବ୍ୟକ୍ତି ଜବରଦସ୍ତ ହାତେଇଥିବା ବେଳେ ଲ୍ୟାମ୍ପସ ଅଜଣା ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏ ନେଇ ନିର୍ଦ୍ଦେଶକ ସଞ୍ଜୟ କହିଛନ୍ତି, ବୋର୍ଡ ନ ଥିବା ବେଳେ ଜଣେ ଅଫିସରଙ୍କ ଦ୍ୱାରା ଏହି ଧାନ ଅମଳ ମେସିନ ଅଜାଣତରେ କ୍ରୟ କରାଯାଇଛି। ଏହାକୁ ବିକ୍ରିକରିବା ପାଇଁ ବାରମ୍ବାର କହିବା ସତ୍ତ୍ୱେ ସମବାୟ ବ୍ୟାଙ୍କ ବିକ୍ରି ନ କରି ପକାଇ ରଖିଛି। ପ୍ରତି ତିନି ମାସରେ ଏକ ବୈଠକ ରଖି ତର୍ଜମା କରିବା ସହ ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ସ୍ଥାୟୀ ସୁପରଭାଇଜର ନିଯୁକ୍ତି କରିବା ନେଇ ଚାଷୀ ଦାବି କରିଥିଲେ। ଏହି ସମସ୍ତ କଥାକୁ ସମର୍ଥନ କରି ଜିଲା ଉପନିବନ୍ଧକ ଆଗାମୀ ଦିନରେ ସାର ଆଣିବା ସହ ବିଭିନ୍ନ ସ୍ଥାନରେ ରହିଥିବା ଲ୍ୟାମ୍ପସ ଶାଖାଗୁଡ଼ିକର ପୁନରୁଦ୍ଧାର କରିବାକୁ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।


ସଭାରେ ଉପସ୍ଥିତ ଲ୍ୟାମ୍ପସ୍ ସଭାପତି ଓ ଅନ୍ୟମାନେ।

